(C) କଙ୍କଡ଼ାକୁ ଗୋଳିପାଣି

(D) କଣ୍ଟାବାଡ଼ରେ ଲୁଗା ପକାଇ କଳି କରିବା

ଉତ୍ତର- A

86. ଅତି ପୁରୁଣା – ଏହି ଅର୍ଥ ପ୍ରକାଶ କରୁଥିବା ରୁଢିଟି କେଉଁଟି ?

(A) ଅନ୍ଧର ଲଉଡ଼ି

(B) ଓଳିଆରୁ ପଡ଼ି ଗଜା

(C) ଅସିଆ କାଳର ମସିଆ

© Copyright Reserved Only Digital Odisha & Odisha Sarkari Exam

(D) ନ ଦେଖିଲା ଓଉ ଛ'ଫଡ଼ା

ଉତ୍ତର- C

87. ବାକ୍ୟାଂଶରେ କ୍ରିୟାପଦ ନଥିଲେ କେଉଁ ରୂଢି ହୁଏ ?

(A) ତୁଳନାତ୍ମକ ରୂଢି

(B) କ୍ରିୟାଯୁକ୍ତ ରୂଢି

(C) କ୍ରିୟାତ୍ମକ ରୂଢି

(D) କ୍ରିୟାହୀନ ରୂଢି

ଉତ୍ତର- D

88. ଖୁବ୍ କଷ୍ଟର କଥା' – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

(A) କଷ୍ଟ କଲେ କୃଷ ମିଳନ୍ତି

(B) କାଠିକର ପାଠ

(C) କଅଁଳ କୁହାକୁ ଭଇ ଖାଏ

(D) କୁଟା ଖଣ୍ଡ ଦିଖଣ୍ଡ ନ କରିବା

ଉତ୍ତର- B

89. ମୁହଁ ଦେବା – ରୂଢିଟିର ଅର୍ଥ କ'ଣ ?

(A) ପ୍ରତିଶୋଧ ନେବା

(B) ପ୍ରଶ୍ରୟ ଦେବା

(C) ନେହୁରା ହେବା

(D) ଅମାନ୍ୟ କରିବା

ଉତ୍ତର- B

90. ଅତି ଭକ୍ତି ଚୋରର ଲକ୍ଷଣ – ଏହି ଲୋକବାଣୀଟିର ଅର୍ଥ କେଉଁଟି ?

(A) ଚୋରମାନେ ବିଶେଷ ଭକ୍ତି କରନ୍ତି

(B) ଯିଏ ଚୋର ସିଏ ବଢ଼ି ଭକ୍ତ

(C) ଚୋରମାନଙ୍କର ଭକ୍ତି ବେଶି ଥାଏ

(D) କାର୍ଯ୍ୟ ବା ସ୍ୱାର୍ଥ ହାସଲ ପାଇଁ ବିନମ୍ର ଭାବ ଦେଖାଇବା

© Copyright Reserved Only Digital Odisha & Odisha Sarkari Exam

ଉତ୍ତର- D

91. ଅନକାର ଚର୍ବୀ - ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

(A) ଉପରେ ପଡ଼ି କହିବା

(B) ଏ ଘର ମାଉସୀ ସେ ଘରେ ପିଉସୀ

(C) ଅଦା ବେପାରୀର ଜାହାଜ ମୂଲ

(D) ପିଠିରେ ପଡ଼ିବା

ଉତ୍ତର- C

92. ତିଳକୁ ତାଳ କରିବା – ଏହି ରୂଢ଼ିଟିର ଅର୍ଥ କେଉଁଟି ?

(A) ରୂପ ବଦଳାଇବା

(B) କଥା ବଦଳିବା

(C) ଛୋଟ କଥାକୁ ବଡ଼ କରି ପ୍ରଚାର କରିବା ।

(D) ବଡ଼ କଥାକୁ ଛୋଟ କରିବା

ଉତ୍ତର- C

93. ଘୋର ଶତ୍ରୁତା – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କେଉଁଟି ?

(A) ଅଣ୍ଟି ଛୁରୀ ତଣ୍ଟି କାଟେ

(B) ଛାଇ ନ ମାଡ଼ିବା

(C) ଅହିନକୁଳ ସମ୍ପର୍କ

(D) ଭାଲୁ ଧରାଇବା

ଉତ୍ତର- C

94. 'ଉଡ଼ିଗଲା ବଢ଼େଇର ପର ଗଣିବା – ଏହି ଲୋକବାଣୀଟିର ଅର୍ଥ କ'ଣ ?

(A) ଅତି ବୁଦ୍ଧିଆ

(B) ଅତି ନିର୍ବୁଦ୍ଧିଆ

(C) ମିଥ୍ୟବାଦୀ

(D) ଶିକାରୀ

ଉତ୍ତର- A

© Copyright Reserved Only Digital Odisha & Odisha Sarkari Exam

95. ଅଠା କାଠିରେ ପଡ଼ି ବା – ଏହି ଲୋକବାଣୀଟିର ଅର୍ଥ କ'ଣ ?

(A) ଦେହରେ ଅଠା ଲାଗିଯିବା

(B) ଅସୁବିଧା ପରିସ୍ଥିତିର ସମ୍ମୁଖୀନ ହେବା

(C) ସାମାନ୍ୟ କାମ ପାଇଁ ବହୁ ଶ୍ରମ କରିବା

(D) କଷ୍ଟେମଷ୍ଟେ ବି ରହିବା

ଉତ୍ତର- B

96. "ମୂର୍ଖଙ୍କ ଆଗରେ ତତ୍ତ୍ୱ କଥା କହିବା' – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

(A) ତିନି ତୁଣ୍ଡରେ ଛେଳି କୁକୁର

(B) ଅନ୍ଧ ଦେଶକୁ ଗଲି ଦର୍ପଣ ବିକି

(C) ଘୁଷୁରିକି ପାଚିଲା କଦଳୀ

(D) ଅଦା ବେପାରୀର ଜାହାଜ ମୂଲ

ଉତ୍ତର- B

97. 'ଅନ୍ୟାୟ ବିଚାର' – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି :

(A) ଦାଉ ସାଧୁବା

(C) ଅନ୍ଧ ବୁଝାମଣା

(B) ରକ୍ତ ଚାଉଳ ଚୋବାଇବା

(D) ମନ ଘର ଧରିବା

ଉତ୍ତର- A

98. ପ୍ରତିହିଂସା ମନୋଭାବ ପୋଷଣ କରିବା – ଏହି ଅର୍ଥ ବୁଝାଉଥିବା ରୁଢ଼ିଟି କେଉଁଟି –

(A) ରକ୍ତ ଚାଉଳ ଚୋବାଇବା

(B) ନାକେଦମ୍ କରିବା

(C) ଅହନ୍ତା ରଖିବା ଅକସ ରଖିବା ।

(D) ଛାଇ କି ମାଡ଼ିବା

ଉତ୍ତର- C

© Copyright Reserved Only Digital Odisha & Odisha Sarkari Exam

99. ଦୁଃଖ ଉପରେ ଦୁଃଖ – ଏହି ଅର୍ଥ ପ୍ରକାଶ କରୁଥିବା ରୁଢ଼ିଟି ଲେଖ ।

(A) ଅଣ୍ଟି ଛୁରୀ ତଣ୍ଟି କାଟେ

(B) ବିରାଡ଼ି ଛିଙ୍କିବା

(C) ବୋଝ ଉପରେ ନଳିତା ବିଡ଼ା

(D) ବାଟ ମାରଣା ହେବା

ଉତ୍ତର- C

100. ଛୋଟ କଥାକୁ ବଡ଼ କରି ପ୍ରଚାର କରିବା – ଏହି ଅର୍ଥ ବୁଝାଉଥିବା ରୁଢ଼ିଟି କେଉଁଟି ?

(A) ତିଳକୁ ତାଳ କରିବା

(B) ଜିରାରୁ ଶିରା କାଢ଼ିବା

(C) ହାଣ୍ଡି ଭାଙ୍ଗିବା

(D) ତାଳକୁ ତିଳ କରିବା

ଉତ୍ତର- A

ଲୋକବାଣୀ
(LOKABANI)

ମଣିଷ ନିଜମନର ଭାବକୁ ଭାଷା ମାଧ୍ୟମରେ ହିଁ ପ୍ରକାଶ କରିଥାଏ | ଭାଷାର ଶୈଳୀଗତ ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ଅନେକ ତାତ୍ପର୍ଯ୍ୟପୂର୍ଣ୍ଣ ବାକ୍ୟାଂଶ ବା ପଦ୍ୟାଂଶ ବ୍ୟବହୃତ ହୋଇଥାଏ | ଉଦାହରଣସ୍ୱରୁପ – 'ଅଣ୍ଟିଛୁରୀ ତଣ୍ଟିକାଟେ' – ବାକ୍ୟାଂଶଟି କାହାଦ୍ୱାରା କେଉଁ ସମୟରେ କୁହାଯାଇଥିଲା କହିହେବନି । କିନ୍ତୁ ତାହା ଆଜିପର୍ଯ୍ୟନ୍ତ ଆମ ଭାଷାରେ 'ଲୋକବାଣୀ' ଭାବରେ ପ୍ରଚଳିତ ହୋଇଆସୁଛି । କିନ୍ତୁ ଲୋକବାଣୀକୁ ପ୍ରବଚନ ମଧ୍ୟ କୁହାଯାଏ।

ପ୍ରତ୍ୟେକଭାଷାରେ ଲୋକବାଣୀର ପ୍ରଚଳନ ଅଛି । କେତେକ କ୍ଷେତ୍ରରେ ଏହାର ଭାଗବତ ସାମଞ୍ଜସ୍ୟ ମଧ୍ୟ ଦେଖିବାକୁ ମିଳେ । ଯଥା – ' Might is right ' ଓଡିଆରେ ' ଜୋରଜାର ମୁଲକ ତାର' । ହିନ୍ଦିରେ ' ନାଚ୍ ନ ଜାନେ ଆଙ୍ଗନ ଟେଢ଼ା ' – ଓଡିଆରେ ' ଚାଲି ନଜାଣି ବାଟର ଦୋଷ ' – ଏହିପର କୁହାଯାଏ ।

ଓଡିଆଭାଷାରେ ବହୁସଂଖ୍ୟାରେ ଲାକବାଣୀ ରହିଛି । ତନ୍ମଧ୍ୟରୁ କେତୋଟି ଲୋକବାଣୀ ତାହାର ଅର୍ଥସହ ଏଠାରେ ପ୍ରଦାନ କରାଗଲା ।

''''

ଅଳପଧନ ବିକଳ ମନ **(Alapa dhana bikala mana)**	ଦରିଦ୍ରଲୋକର ଚିନ୍ତା **(daridra lokara chinta)**

© Copyright Reserved Only Digital Odisha & Odisha Sarkari Exam

ଅତିଭକ୍ତି ଚୋରର ଲକ୍ଷଣ (atibhakti Chorara lakhyana)	କାର୍ଯ୍ୟହାସଲ ଉଦ୍ଦେଶ୍ୟରଖି ଉପରକୁ ବିନମ୍ରବାହ ଦେଖାଇବା (karjyahasala udesyare uparaku binamra dekhaiba)
ଅଣ୍ଟିଚୁରୀ ତଣ୍ଟିକାଟେ (antichuri tantikate)	ଆତ୍ମଲୋକ ଶତ୍ରୁତା ଆଚରଣକରିବା (atma loka satruta acharana kariba)
ଅଠା କାଠିରେ ପଡିବା (atha kathire padiba)	ଅସୁବିଧାପରିସ୍ଥିତିର ସମ୍ମୁଖୀନହେବା (asubidha paristhira sammukhina heba)
ଅଳ୍ପବିଦ୍ୟା ଭୟଙ୍କରୀ (alpabidya bhayankari)	ସାମାନ୍ୟ ଜ୍ଞାନ ପ୍ରୟୋଗର ପରିଣାମ (samanya gyana prayogara parinama)
ଅକାଳେ ନିୟମ ନାସ୍ତି (akale niyama nasti)	ଅସୁବାଧା ସମୟରେ ନିୟମ ମାନି ଚଳିବା ସମ୍ଭବ ହୋଇ ନ ପାରେ (asubidha samayre niyama mani chaliba sambhaba hoi na pare)
ଅନ୍ଧଦେଶକୁ ଗଲି ଦର୍ପଣ ବିକି (andhadesaku gali darpana biki)	ମୂର୍ଖଙ୍କ ଆଗରେ ତତ୍ତ୍ୱକଥା କହିବା (murkhanka agare tatwa katha kahiba)
ଅଳସୁଆର ବାରବାଟୀ ଚାଷ (alasuara barabati chasa)	ନିକମା ବା ଅଳସୁଆ ଲୋକର ବୃଥା ଆସ୍ଫାଳନ (nikama ba alasua lokara brutha asphalana)
ଅଧର୍ମ ବିତ୍ତ ବଢେ ବହୁତ ଗଲାବେଳେ ଯାଏ ମୂଳ ସହିତ (adharma bita badhe bahuta galabele jai mula sahita)	ପାପ ଅର୍ଜିତ ଧନ ସମୂଳ ନଷ୍ଟ ହୁଏ (papa arjita dhana samula nasta hue)
ଅଦାବେପାରୀର ଜାହାଜମୂଳ (adabeparira jahajamula)	ଅନଧିକାର ଚର୍ଚ୍ଚା (anadhikara charcha)
ଅତିପରିଚୟେ ଗୌରବ ନଷ୍ଟ (atiparichaye gouraba nasta)	ଅଧିକ ସଂପର୍କ ବା ମିଳାମିଶାରେ ସମ୍ମାନ ହ୍ରାସପାଏ (adhika samparka ba milamisare sammana hrasa pai)
ଅନ୍ଧଥରେ ବାଡିହଜାଏ (andha thare badi hajai)	ଅଭିଜ୍ଞତାରୁ ସତର୍କଭାବ ବା ଶିକ୍ଷାଲାଭ କରିବା (abhigyataru sikhya labha)
ଧୂଆ ମୂଳା ଅଧୂଆମୂଳା ସମାନ (dhua mula adhua mula saman)	ଯେଉଁଠି ଭଲମନ୍ଦ ବା ଉତ୍କୃଷ୍ଟ ନିକୃଷ୍ଟ ବିଚାର ହୁଏନା (jeunthi bahalmanda ba utkrusta nikrusta bichara huana)
ଅମୃତ ହାଣ୍ଡିରେ ବିଷ କଣିକା (amruta handire bisa kanika)	ସାମାନ୍ୟ ଖରାପ ଅନେକ ଭଲକୁ ନଷ୍ଟକରେ (samanya kharap aneka bhalaku nasta kare)
ଅଣ୍ଟାରେ ନ ଥାଏ ଧନ, ପୁଅବାହା କରି ମନ (antare na thai dhana pua bahakari mana)	ନିଜର ସାମର୍ଥ୍ୟଠାରୁ ଅତ୍ୟଧିକ ଖର୍ଚ୍ଚ କରିବାର ଯୋଜନା (nijara samarthya atyadhika kharcha karibara jojana)
ଆପେ ବଞ୍ଚିଲେ ବାପର ନାଁ (ape banchile bapara na)	ଅନ୍ୟକଥା ଚିନ୍ତାନକରି ନିଜକୁ ରକ୍ଷା କରିବା (ସ୍ୱାର୍ଥପରତା) (anyakatha chinta nakari nijaku rakhya kariba (swarthaparata))
ଆୟଦେଖି ବ୍ୟୟ (aya dekhi byay)	ମିତବ୍ୟୟୀ ହେବା (mitabyayi heba)
ଆ ବଳଦ ମତେ ବିନ୍ଧ (Aa balada mote bindh)	ନିଜେ ନିଜେ ବିପଦକୁ ଡାକିଆଣିବା (nije nije bipadaku daki aniba)
ଆଲେସଖି, ଆପଣାମହତ ଆପେରଖି (alosakhi apana mahata ape rakhi)	ନିଜ ସମ୍ମାନ ନିଜ ହାତରେ (nija sammana nija hatare)
ଆଲୋ ମଉସା, ଜଡ଼ ପଇସା (alo mousa jadda paisa)	ଅର୍ଥହିଁ ସବୁର ମୂଳ (arthahi sabura mula)
ଆଗତ ଚଢେଇକି ବେସରବଟା (agata chadeiki besara bata)	ହାତକୁ ଜିନିଷ ଆସିବା ପୂର୍ବରୁ ଉପଯୋଗ ପାଇଁ ପ୍ରସ୍ତୁତି (hataku jinisa asiba purbaru upobhog pain prastuti)

© Copyright Reserved Only Digital Odisha & Odisha Sarkari Exam

ଆଲ୍ଲା ଦିଅନ୍ତିତ ଛପରଫାଡି ଦିଅନ୍ତି (allah deontita chaparafadi deonti)	ଇଶ୍ୱର ଦୟାକଲେ ମଣିଷ ଆଶାତୀତ ଫଳପାଏ (eswara daya kale manisa asatita phala pai)
ଆକାଶ କଇଁଆ ଚିଲିକାମାଛ (akasa kaiya chilika macha)	ଅସମ୍ଭବ କଥା କଳନା କରିବା (asambhaba katha kalana kariba)
ଆପଣା ଶିଙ୍ଗରେ ଭୁଇଁ ତାଡିବା (apana singare bhuin tadiba)	ନିଜକୁ ନିଜେ ସମର୍ଥ ହେବା (nijaku nije samrtha heba)
ଆଖୁ କିଆରିରେ ପଶିବା (akhu kiarire pasiba)	କୌଣସି କାର୍ଯ୍ୟ ଉତ୍ତମରୂପେ ନିର୍ଣ୍ଣୟ କରିନପାରିବା (konasi karjya uttama rupe nirnaya kari na pariba)
ଇଶ୍ୱର ଯାହାକରନ୍ତି ପ୍ରାଣୀର ମଙ୍ଗଳପାଇଁ (eswara jahakaranti pranira mangala pain)	ଇଶ୍ୱର ମଙ୍ଗଳମୟ ଏହି ଧାରଣା (eswara mangalamaya ahi dharana)
ଉଡିଗଲା ଚଢେଇର ପର ଗଣିବା (udigala chadheira para ganiba)	ଅତିବୁଦ୍ଧିଆ (ati budhia)
ଉପର ସୁନ୍ଦର ଭିତର ଫମ୍ପା / ଉପର ଚିକ୍କଣ ଭିତର ଫମ୍ପା (upara sundara bhitara fompa / upara chikkana bhitara fampa)	ବାହାର ସୌନ୍ଦର୍ଯ୍ୟ ଭିତରେ ନଥିବା (bahara soundarja bhitare a thiba)
ଉପର କେଡେ ସୁନ୍ଦର, ଭିତର ପୋଡା ଅଙ୍ଗାର / ମହାକାଳଫଳ କେଡେ ସୁନ୍ଦର ଭିତର ଦେଖିଲେ ପୋଡାଅଙ୍ଗାର (upara sundara bhitara fompa / upara chikkana bhitara fampa)	ଉପରେ ଭଲକଥା, ଭିତରେ କପଟସ୍ୱଭାବ (upare bhalakatha bhitare kapata swabhaba)
ଋଷି ଜଟ ଛିଣ୍ଡାଇବା (rushi jata chindaiba)	ସହନସୀଳ ଲୋକମଧ୍ଯ ଯେଉଁକଥା ସହିନପାରେ (sahanasila lokamadhya jeun katha sahinapare)
ଏକା ମାଘକେ ଶୀତଯାଏନାହିଁ (aka maghake sita jaynahi)	ସୁଯୋଗ ବା ଦୁର୍ଯୋଗ କେବଳ ଥରେ ଆସେ ନାହିଁ (sujoga ba durjoga kebala thare ase nahi)
ଏକା ତୁଣ୍ଡରେ ଉଆ ଉଷୁନା (aka tundaku ua usuna)	ଜଣଙ୍କ ମୁହଁରେ ଦୁଇଟି ବିପରୀତ କଥା (janaka muhare duita biparita katha)
ଗାଡିଆ ଗଙ୍ଗା (gadia ganga)	ଅତିଶୟ ନିଷ୍ଠା / ମନର ଦୃଢତା କାର୍ଯ୍ୟସାଧନାରେ ସହାୟକ ହୁଏ (atisaya nistha / manara drudhata karjyasadhanare sahayaka hua)
ଏ ମନ ଖୋଜୁ ଥାଏ ଯାହା, କାଳେ ପ୍ରାପତ ହୁଏ ତାହା (a mana khojuthai jaha kale prapata hua taha)	ବିଳମ୍ବହେଲେ ମଧ୍ଯ ମନଅନୁସାରେ ଫଳ ମିଳେ (bilambahele madhya mana anusare phala mile)
ଓଟ ମୁହଁରେ ଜିରା (ota muhare jira)	ଅଧିକ ଚାହୁଁଥିବା ଲୋକକୁ ଖୁବ୍ କମଦେବା (adhika chahun thiba byaktiku khub kam miliba)
ଓଧ ସାଙ୍ଗରେ ବଣଭୁଆ ବାଇ (odha sangare banabhua bai)	ସମର୍ଥଲୋକ ସହିତ ଅସମର୍ଥ ଲୋକ (ଉତ୍ତଳା) ବାଉଳା ହେବା (samatha loka sahita asamartha loka baula heba)
ଓଷଦରାଗରେ ତାଟିଆ କାମୁଡିବା (osada ragare tatita kamudiba)	ପକ୍ରୃତ ଲୋକ ବିରୋଧରେ କିଛି କରିନପାରି ଅନ୍ୟ ଉପରେ ଦାଉସାଧିବା (prakruta loka biradhare kichi kari na pari anya upare dau sadhiba)
ସୂତା ମାଜିଲେ ମୋଟ (suta majile mota)	ଗୋଟିଏ କଥାକୁ ଧରି ବସିଲେ ଗୁରୁତର ହୁଏ (gotia kathaku dhari basile gurutara hua)

© Copyright Reserved Only Digital Odisha & Odisha Sarkari Exam

କଷ୍ଟକଲେ କୃଷ୍ଣ ମିଳେ (kastakale krushna mile)	ସବୁ ସିଦ୍ଧିର ମୂଳହିଁ କଠିନ ପରିଶ୍ରମ (ସାଧନା ହିଁ ସିଦ୍ଧିର ଜନକ) (sabu sidhhira mulahin kathina parisrama (sadhana hin sidhira janaka))
କହୁତୁଣ୍ଡ, ମେଣ୍ଢାମୁଣ୍ଡ (kahutunda mendhamunda)	ଦୃଢବଚନ ବା ଆର୍ଷବଚନ (drudha bachana ba arsabachana)
କଂସାରି ଘର ପାରାକୁ କୁଲା ଢାଉଁ ଢାଉଁ (kansari ghara paraku kula dhaun dhaun)	ପ୍ରତିକୂଳତାରେ ଅଭ୍ୟସ୍ତ ବ୍ୟକ୍ତି କୁ ସାମାନ୍ୟ ଭୟ ଦେଖାଇବା (pratikulatare abyasta byaktiku samanya bhaya dekhaiba)
କହି ଦେଉଥାଏ ପରକୁ /ବୁଦ୍ଧି ନଆସଇ ଘରକୁ (kahi deuthai paraku / budhi naasai gharaku)	ଅନ୍ୟକୁ ଉପଦେଶଦେବା ସହଜ କିନ୍ତୁ ନିଜ ବେଳକୁ କଷ୍ଟକର (anyaku upadesadeba sahaja kintu nija belaku kastakara)
କଙ୍କାଡାକୁ ଗୋଳିଆପାଣି ସୁହାଏ (kankadaku golia pani suhai)	ଅସାଧୁଲୋକପାଇଁ ଗୋଳମାଳିଆ ପରିସ୍ଥିତି ସହାୟକ ହୁଏ (asadhu loka pain golmalia paristhiti sahayaka hua)
କଳାକୁ ଧଳା, ଧଳାକୁ କଳାକରିବା (ଏ ପାରିଗଛ ସେପାରିକି କରିବା) (kalaku dhala kariba, dhalaku kala kariba (Aparigacha separiki kariba))	ମିଛ କୁ ସତ, ସତକୁ ମିଛ କରିବା (michaku sata sataku micha kariba)
କଅଁଳ ଲୁହାକୁ ବିଲେଇ କାମୁଡେ (kaonla luhaku bilei kamude)	ସରଳ ଲୋକକୁ ସମସ୍ତେ ହଇରାଣ କରନ୍ତି (sarala lokaku samaste hoirana karanti)
କାଲ ଆଗରେ ମୂଳଚୋବାଇବା (kala agale mula chubaiba)	ଯେ କିଛି ବୁଝେନାହିଁ ତା ଆଗରେ ତତ୍ତ୍ୱକଥା କହିବା (je kichi bujhe nahi ta agare tatwa katha kahiba)
କାହାର ପୁଷମାସ, କାହାର ସର୍ବନାଶ (kahara pusamasa kahara sarbanasa)	ଜଣଙ୍କର ଲାଭବେଳେ ଆଉଜଣଙ୍କର କ୍ଷତି (janakara labha bele au janakara khyati)
କୁକୁର ଲାଙ୍ଗୁଡ ବାରବରଷରେ ସଳଖେନାହିଁ (kukura languda barabarase salakhe nahi)	ପ୍ରକୃତି କେବେ ବଦଳେ ନାହିଁ (prakruti kebe badale nahi)
କୂପ ମଣ୍ଡୁକ (kupa manduka)	ସଙ୍କୁଚିତ ପରିବେଶରେ ବଢିଥିବା ବ୍ୟକ୍ତି (sankuchita paribesare badhi thiba byakti)
କେଉଁଗାଇର ଗୋବର (keun gaira gobara)	ଅତିସାମାନ୍ୟ / ତୁଚ୍ଛ (ati samanya / tuchha)
କୋପେବର ନହେଲେ ତପେ ବର (kopebara nahele tope bara)	ଯେ କୌଣସି ଉପାୟରେ କାର୍ଯ୍ୟହାସଲ କରିବା (je kounasi upayare karjya hasala kariba)
କୌରବଙ୍କର ଖାଇ, ପାଣ୍ଡବଙ୍କର ଗାଇ / ବାପର ଖାଇ କକାର ଋଣ ଶୁଝିବା (kourabankara khai pandabankara gai / bapara khai kakara runa sujhiba)	ଜଣଙ୍କର ସାହାଯ୍ୟ ପାଇବା ଓ ଅନ୍ୟର କାମ କରିବା (jankara sahajya paiba o anyara kama kariba)
ଖଜୁରି ଗଛର କି ଗୁଣଗାଇବି ମୂଳରୁ ପାହାଚ ପାହାଚ (khajuri gochara ki guna gaibi mularu pahacha pahacha)	କୌଣସି ଖରାପ ଲୋକର ବିଭିନ୍ନ କୁକର୍ମକୁ ଲକ୍ଷ୍ୟକରି କୁହାଯାଏ (kounasi kharap lokara bivinna karmaku lakhyakaki kuhajay)
ଖଣ୍ଡାଧାରରେ ଚାଲିବା (khanda dharare chaliba)	ଖୁବ୍ ସତର୍କତାର ସହିତ ନିୟମମାନି କାମ କରିବା (khub satarkatara sahita niyama mani kama kariba)
ଖାଇବା ପତରରେ ଧୂଳଦେବା (khaiba patarare dhuli deba)	ଜୀବିକାରେ ବାଧାଦେବା (jibikare badha deba)

© Copyright Reserved Only Digital Odisha & Odisha Sarkari Exam

ଖୋଳପର୍ବତ ମାର ମୂଷା (khola parbata mara musa)	ସାମାନ୍ୟ କାମ ପାଇଁ ବହୁଶ୍ରମ ଓ ଚେଷ୍ଟା (samanya kama pain bahu srama o chesta)
ଗାଁ କନିଆ ସିଙ୍ଘାଣିନାକୀ (gaon kania singani nakia)	ଯେ କୌଣସିଲୋକ ନିଜ ଅଞ୍ଚଳରେ ସମ୍ମାନ ନପାଇବା (je kounasi loka nija anchalare sammana na paiba)
ଗୁଣ ଚିହ୍ନେ ଗୁଣିଆ, ସୁନାଚିହ୍ନେ ବଣିଆ (guna chinhe gunia suna chinhe bania)	ଗୁଣୀ ଗୁଣର ଆଦର କରେ (guni gunara adara kare)
ଘରଦିଅଁ ନପୂଜି ପରଦିଅଁ ପୂଜିବା (gharadion a puji paradion pujiba)	ନିଜସ୍ୱ ବା ନିଜ ସଂସ୍କୃତିକୁ ଅବହେଳା କରି ଅନ୍ୟ ସଂସ୍କୃତିକୁ ଅନୁସରଣ କରିବା (nijaswa ba nija sanskrutira abahela kari anya sanskrutiku anusarana kariba)
ଘୁଷୁରିକି ପାଚିଲା କଦଳୀ (ghusuriki pachila kadali)	ଇତର ବା ଅଯୋଗ୍ୟ ବ୍ୟକ୍ତି ପାଇଁ ଉନ୍ନତ ପରଚର୍ଯ୍ୟା (etara ba ajogya byakti pain unnata paracharjya)
ଘୋଡା ଛ' ଟଙ୍କାକୁ ଦାନା ନଅ ଟଙ୍କା (ghoda cha tanka ku dana na tanka)	କୌଣସି ଜିନିଷର ରକ୍ଷଣାବେକ୍ଷଣ ଖର୍ଚ୍ଚ ଜିନିଷର ମୂଲ୍ୟଠାରୁ ଅଧିକହେବା (kounasi jinisara rakhyanabekhyana kharcha jinisara mulya tharu adhika heba)
ଚକେଗଲେ ବାରହାତ (chakegale bara hata)	ଯଥା ସମୟରେ କାର୍ଯ୍ୟନକଲେ ବିଭିନ୍ନ କାରଣରୁ କାର୍ଯ୍ୟ ବିଳମ୍ବିତ ହୁଏ କିମ୍ବା ବିଘ୍ନଘଟେ (samayare karjya na kale bibhinna karanaru karjya bilambita hua kimba bighna ghate)
ଚାଷ ତରତର ବଣିଜମଠ (chasa taratara banija matha)	ନିର୍ଦ୍ଦିଷ୍ଟ ସମୟରେ ସଂପାଦନ କରିବା (nirdista samayare sampadana kariba)
ଚିନ୍ତାଖାଏ ଗଣ୍ଡି, ଲୁଣଖାଏ ହାଣ୍ଡି (chinta khai gandi luha khai handi)	ଚିନ୍ତା ଶରୀରକୁ ନଷ୍ଟ ତଥା ଦୁର୍ବଳ କରେ ଓ ଲୁଣ ହାଣ୍ଡିକୁ ନଷ୍ଟକରେ (chinta sariraku nasta tatha durbala kare o luna handiku nasta kare)
ଚୋରମନ ଚୋର ଗଣ୍ଠିରେ (chora mana chora ganthire)	ଚୋର ସର୍ବଦା ଚୋରି କରିଥିବା ଦ୍ରବ୍ୟ ଧରାପଡିବା ଭୟରେ ଶଙ୍କିତ ଥାଏ (chora sarbada chori karithiba drabya dharapadiba bhayare sankita thay)
ଛୋଟ ସାପର ବିଷ ଟାଣ /ଛୋଟ ସାପର ବଡ ବିଷ (chota sapara bisa tana / chota sapara bada bisa)	ଛୋଟ ବୋଲି ହେୟ ମନେ ନ କରିବା / କ୍ଷୁଦ୍ର ମଧ୍ୟରେ ଭୟଙ୍କରତା (chota boli heya mane na kariba / khyudra madyare bhayankarata)
ଜାନ୍ ଯାଉ ମାନ୍ ଥାଉ (jan jau man thau)	ମାନ ବା ଇଜ୍ଜତ ଜୀବନଠାରୁ ଅଧିକ (mana ba ejata jinbanatharu adhika)
ଜୋର ଯାର ମୁଲକ ତାର (jor jar mulak tar)	ଶକ୍ତିଶାଳୀ ହିଁ ପ୍ରଭୁତ୍ୱ ବିସ୍ତାର କରେ (saktisali hin prabhutta bistara kare)
ଟେକା ହାତରୁ ଖସିଲେ ଅଣବାହୁଡା (teka hataru khasile anabahuda)	ଥରେ ଭୁଲ ହେଲେ ତାକୁ ସୁଧାରି ହୁଅ ନାହିଁ (thare bhul hele taku sudhari hua nahi)
ଡେଙ୍ଗା ମୁଣ୍ଡରେ ଠେଙ୍ଗା (denga mundre thenga)	ଆଗୁଆ ଲୋକ ଉପରେ ଦାୟିତ୍ୱ ଓ ବିପଦ ଥାଏ (agua loka upare dayitwa o bipada thay)
ଢିଙ୍କିଶାଳ କଥା ନଜାଣି, ଢେଙ୍କାନାଳ କଥା କହିବା (dhinkisala katha na jani, dhenkanala katha kahiba)	ଘରକଥା ନ ଜାଣି ଦୂରଦେଶର କଥା କହିବା (ghara katha na jani dura desar katha kahiba)
ଢୋକେ ପି' ଦଣ୍ଡେ ଜୀ (dhoke pi dande ji)	କଷ୍ଟେମଷ୍ଟେ ବଞ୍ଚିରହିବା (kaste maste banchi rahiba)

© Copyright Reserved Only Digital Odisha & Odisha Sarkari Exam

ତିନି ତୁଣ୍ଡରେ ଛେଳିକୁକୁର (tini tundare cheli kukura)	ମିଛକଥା ଅନେକଙ୍କଦ୍ୱାରା ବାରମ୍ବାର ପ୍ରକାଶିତ ହେଲେ ସତ୍ୟପରି ପ୍ରତୀତ ହୁଏ (micha katha anekanka dwara barambara prakasita hele satya pari pratita hua)
ତୁଣ୍ଡବାଇଦ ସହସ୍ର କୋଶ (tunda baida sahashra kosa)	ଲୋକ ମୁଖରେ କଥା ବହୁଦୂର ପ୍ରସରି ଯାଏ (loka mukhare katha bahudura prasari jay)
ତୁ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡା କାଠ (tu jete mathibu math, mu sei darapoda kat)	ସ୍ୱଭାବ ସହଜରେ ବଦଳେନାହିଁ (swabhaba sahajare badale nahi)
ବିଛୁଆତି 'ଦି' ପତ୍ରରୁ କୁଣ୍ଡାଇହୁଏ (bichuati di patararu kundai hue)	ପ୍ରକୃତ ଗୁଣ ପ୍ରାଥମିକ ସ୍ତରରୁ ହିଁ ଜଣା ପଡିଥାଏ (prakruta guna prathamika stararu hin jana padithay)
ତେଲିଆ ମୁଣ୍ଡରେ ତେଲ (telia mundare tela)	ଦରିଦ୍ର ସାହାଯ୍ୟନକରୁ ସ୍ୱଛଳ ବ୍ୟକ୍ତିକୁ ସାହାଯ୍ୟ କରିବା (daridra saharjya na karu swachhala byaktiku saharjya kariba)
ଦଇବ ଦଉଡି ମଣିଷଗାଇ, ଯେଣିକି ଟାଣଇ ତେଣିକି ଯାଇ (daiba daudi manisagai, jeniki tanai teniki jai)	ବିଧି ନିର୍ଦ୍ଦେଶରେ ମଣିଷ ପରିଚାଳିତ (bidhi nirdesare manisa parichalita)
ଦେଶକେ ଫାଙ୍କ୍ ନଈକେ ବାଙ୍କ (desake phanka naike banka)	ଭିନ୍ନ ସ୍ଥାନର ଭିନ୍ନ ଚଳଣି ପରିଚାଳିତ (bhinna sthanara vinna chalani parichalita)
ଧରାକୁ ସରା ମଣିବା (dharaku sara maniba)	ଅତି ଗର୍ବଭାବ ପ୍ରଦର୍ଶନ କରିବା (ati garba bhaba pradarsana kariba)
ଧାନ ପେଟରୁ ବାଲୁଙ୍ଗା ଜାତ (dhana petaru balunga jata)	ଗୁଣବତୀ ମାଆ ଠାରୁ କୁପୁତ୍ର ଜନ୍ମ (gunabati maa tharu ku putra janma)
ଧୀରପାଣି ପଥର କାଟେ (dhira pani pathara kate)	ଧୀର ସ୍ଥିର ଭାବେ କାର୍ଯ୍ୟକଲେ ସଫଳତା ମିଳେ (dhira sthira bhabe karjya kale safalata mile)
ଧୀର କଥାରେ ବଇରି ବଶ (dhira kathare bairi basa)	ନମ୍ର ବ୍ୟବହାରଦ୍ୱାରା ସମସ୍ତଙ୍କୁ ବଶୀଭୂତ ବା ନିଜର କରିହୁଏ (namra byabahara dwara samastanku basibhuta ba nijara kari hua)
ନ ଦେଖିଲା ଓଉ ଛପଡା (a dekhile ou chapada)	ଅସମ୍ଭବ କଥା କହିବା (asambhaba katha kahiba)
ନଈ ସୁଅକୁ ବାଲିବନ୍ଧ (nai suaku balibandha)	ପଣ୍ଡପରିଶ୍ରମ / ବୃଥା ଚେଷ୍ଟା (pandaparisrama / brutha chesta)
ନଈରେ ଘରକରି କୁମ୍ଭୀର ସଙ୍ଗେ କଳି (naire gharakari kubhira sange kali)	ଅଧୀନ ହୋଇ ମୁନିବଙ୍କ ସଙ୍ଗେ କଳି (adhina hoe munibanka sange kali)
ନାହିଁ ମାମୁଠାରୁ କଣା ମାମୁ ଭଲ (nahina mamutharu kana mamu bhala)	କିଛି ନଥିବା ଅପେକ୍ଷା ସାମାନ୍ୟ ଥିବା ଭଲ (kichi na thiba apekhya samanya thiba bhala)
ପାପଧନ ପ୍ରାୟଶ୍ଚିତ୍ତରେ ଯାଏ (papadhana prayaschitare jai)	ଅନ୍ୟାୟ ଅର୍ଜିତଧନ ଅଯଥାରେ ବିନଷ୍ଟହୁଏ (anyanya arjita dhana ajathare binasta hua)
ପାଣି ପିଇବ ଛାଣି, ପଇସାନେବଗଣି (pani peiba chani, paisanaba gani)	ଉପଯୁକ୍ତ ଧ୍ୟାନ ଦେଇ କାର୍ଯ୍ୟକରିବା / ବିପଦ ନପଡିବା ଭଳି କାର୍ଯ୍ୟକରିବା (upajukta dyana dei karjya kariba / bipada na padiba bhali karjya kariba)
ପେଟ ପୋଷ, ନାହିଁ ଦୋଷ (peta posa, nahi dosa)	ବଞ୍ଚିବାପାଇଁ କୋଣସି ବୃତ୍ତି ଗ୍ରହଣ କରାଯାଇପାରେ (banchiba pain kounasi grahana karajaipare)

© Copyright Reserved Only Digital Odisha & Odisha Sarkari Exam

ପୋଥିଗତ ବିଦ୍ୟା ପରହସ୍ତ ଧନ (pothigata bidya parahasta dhana)	ନିଜେ ନଜାଣିଥିବା ବିଦ୍ୟା ବା ନିଜ ପାଖରେ ନଥାଇ ଅନ୍ୟପାଖରେ ଥିବା ଧନ କୋଣସି କାର୍ଯ୍ୟରେ ଲାଗେନାହିଁ (nije na janithiba bidya ba nija pakhare na thai anya pakhare thiba dhana kounasi karjyare lagenahi)
ଫୁଲଯୋଗୁ ଗଭା, ପଣ୍ଡିତ ଯୋଗୁ ସଭା (phulajogu gabha, pandita jogu sabha)	ଏ ଉଭୟେ ଶୋଭା ବଢାନ୍ତି (a ubhaye sobha badhanti)
ବସିଖାଇଲେ ନଈବାଲି ସରେ (basi khaile nai bali sare)	ଆଳସ୍ୟ ସର୍ବନାଶ କରେ (କ୍ଷତି କାରକ) (alasya sarbanasa kare (khyati karaka))
ବଟେଇଦେଲା ବୁଦ୍ଧି, ମାଗିଆଣିଲା ତିଅଣ (bateidela budhi magianile tiana)	କ୍ଷଣସ୍ଥାୟୀ (khyana sthayi)
ବହୁଲାକରେ ମୂଷାମାରି ହୁଏ ନାହିଁ (bahulokare musamari hue nahi)	ବହୁଲୋକ ଏକାଠିହେଲେ ସେମାନଙ୍କର ଭିନ୍ନ ଭିନ୍ନ ମତ ଯୋଗୁ କୌଣସି କାର୍ଯ୍ୟ ହୋଇପାରେ ନାହିଁ (ନିଷ୍ପତ୍ତି ନିଆଯାଇ ପାରେନା) (bahu loka akathi hele semankara bhinna mata jogu kounasi karjya hoi pare nahi (Nispati nia jai pare nahi))
ବଗର ବେକ ବଢିଲେ ମୀନର ବିପତ୍ତି (bagara beka badhile minara bippati)	ଶତ୍ରୁର ସୁବିଧା ବିପଦର କାରଣ (satrura subidha bipadara karana)
ବ୍ରହ୍ମା ବିଳିବିଳେଇଲେ ବେଦ (brahma bilibileile beda)	ପଣ୍ଡିତ ଲୋକର ଯେକୌଣସି କାର୍ଯ୍ୟକୁ ମହତ୍ତ୍ୱପୂର୍ଣ୍ଣ ବୋଲି ଧରିନେବା (pandita lokara je kounasi karjyaku mahatwapurna boli dharineba)
ବାହାସରିଲେ ବେଦି ମୁହଁପୋଡା (bahasarile bedi muhapoda)	ସ୍ୱାର୍ଥସାଧନପରେ ଆଗ୍ରହ କମିଯିବା (swarthasadhana pare agraha kamijiba)
ମାନିଲେ ଠାକୁର, ନ ମାନଲେ ପଥର (manile thakura na manile pathara)	ନିଜର ଦୃଷ୍ଟିକୋଣ ଅନୁସାରେ ମାନ୍ୟତା ଦେବା ଅଥବା ନଦେବା (nijara drusti kona anusare manyata deba athaba na deba)
ମୁଁ ତ ଖାଏ ମୋର ଭାତ, / ତୋର କିଆଁ ଗାଲରେ ହାତ (mu ta khai mor vata / tor kian galare hata)	ଇର୍ଷା ପରାୟଣ ଲୋକକୁ କଟାକ୍ଷ (ersa parayana lokaku katakhya)
ଯତ୍ନ କଲେ ରତ୍ନମିଳେ (jantna kale ratna mile)	ଅଧ୍ୟବସାୟ ସଫଳତାର ଚାବିକାଠି (adhyabasaya safalatara chabikathi)
ଯାହାପୁଅକୁ ସାପକାମୁଡିଥାଏ ସେ ପାଳଦଉଡି ଦେଖିଲେ ଡରେ (jahapuaku sapakamudi thai se pala daudi dekhile dare)	ବିପଦ ଭୋଗିଥିବା ଲୋକ ବିପଦର ଆଶଙ୍କାରେ ଅସ୍ଥିରହୁଏ (bipada bhogithiba loka bipadara asankare asthira hua)
ଯେ ଯେଉଁଗାତ ଖୋଳେ ସେ ସେଇ ଗାତରେ ପଡେ (je jeun gata khole se sei gata re pade)	ପରର ଅନିଷ୍ଟକଲେ ନିଜର ଅନିଷ୍ଟ ହୁଏ (parara anista kale nijara anista hua)
ଯେମିତି ଠାକୁର ସେମିତି ପୂଜା, ବାଲି ଗରଡାକୁ ଚାଉଳ ଭଜା (jemiti thakura semiti puja, bali garadaku chaula bhaja)	ଗୁଣଘେନି ଆଦର (guna gheni adara)

© Copyright Reserved Only Digital Odisha & Odisha Sarkari Exam

ଯେ ପକ୍ଷୀ ଉଡେ ଯେତେଦୂର, ସେ ଜାଣେ ତହିଁର ବେଭାର (je pakhi ude jetedura, se jane tahinra bebhara)	ଯେ ଯେତେ ବହୁଦର୍ଶୀ ଓ ଅଭିଜ୍ଞ ସେ କାମରେ ସେତିକି ଅଧିକ ସଫଳ ହୁଏ (je jete bahurdarsi o abhigyan se kamare sete adhika safala hua)
ଯେସାକୁ ତେସା (jesaku tesa)	ଯେ ଯେପରି ବ୍ୟବହାର ଦେଖାଇବ ତା ପାଇଁ ଅନୁରୂପ ବ୍ୟବହାର (je jepari byabahara dekhaiba ta pain anurupa byabahara)
ଯେ ଦେଶେ ଯାଇ ସେ ଫଳଖାଇ (je dese jai se phala kahi)	ସବୁସ୍ଥାନରେ ପରିସ୍ଥିତି ସହିତ ଖାପ ଖୁଆଇ ଚଳିବା (sabusthanare paristhiti sahita khapa khuae chaliba)
ରାଗ ପରମ ଚଣ୍ଡାଳ / ରାଗ ବହ୍ମ ଚଣ୍ଡାଳ (raga parama chandala / raga bramha chadala)	ରାଗବେଳେ ମଣିଷ ଅନ୍ଧ – ଭଲ ମନ୍ଦ ବୁଝିପାରେନା (raga bele manisa andha bhala manda bujhi parena)
ଲୁଚିଛି ନା ଗୋଡଦିଇଟା ଦିଶୁଛି (luchi chi na goda duita disuchi)	ଯେତେ ଘୋଡାଇଲେ ବି ଦୋଷ ଧରାପଡେ (jete ghodaelebi dosa dhara pade)
ଶୋଇଲା ପୁଅର ଭାଗ ନାହିଁ (soila puara bhaga nahi)	କର୍ମକୁଣ୍ଠ ଲୋକ ଜୀବନରେ ହାରିଯାଏ (ଅଳସୁଆ ଦୁଃଖ ପାଏ) (karmakuntha loka jibanare harijai (alasua dukha pai))
ଷାଠିଏ ମହଣ ଘିଅ ହେବ ନା ରାଧା ନାଚିବ (sathia mohana ghia heba na radha nachiba)	ଅସମ୍ଭବ ଅଟକଳ (asambhaba ata kala)
ସଭାରେ ହାଣ୍ଡି ଭାଙ୍ଗିବା (sabhare handi bhangiba)	ଗୁପ୍ତକଥା ପ୍ରଘଟ କରିବା (gupta katha praghata kariba)
ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ (sidha anguthire ghia bahare nahi)	ସବୁକାମ ସହଜରେ ହୁଏ ନାହିଁ (sabukama sahajare hua nahi)
ହଳିଲା ପାଣିରେ ଗୋଡନଦେବା (halila panire goda nadeba)	ଗଣ୍ଡଗୋଳରେ ନ ପଶିବା (gandagolare na pasiba)
ହାତ ଅଳସେ ନିଶବଙ୍କା (hata alase nisa banka)	ଅଳସୁଆ ଦୁଃଖ ପାଏ (alasua dukha pai)
ହାତେମାପି ଚାଖଣ୍ଡେ ଚାଲ (hate mapi chakhande chaliba)	ସାବଧାନ ହୋଇ କାମ କରିବା (sabadhana hoi kama kariba)

ଶବ୍ଦାଳଙ୍କାର

(Sabda Alankara Odia)

(୧) **ଶବ୍ଦାଳଙ୍କାର** – ଶବ୍ଦ ଉପରେ ପ୍ରାଧାନ୍ୟ ବିସ୍ତାର କରି ଯେଉଁ ଅଳଙ୍କାର ସୃଷ୍ଟି ହୁଏ, ତାହାକୁ ଶବ୍ଦାଳଙ୍କାର (sabda alankara) କୁହାଯାଏ । ସୁତରାଂ ଏହି ଅଳଙ୍କାର ପ୍ରୟୋଗ ଦ୍ୱାରା ଶବ୍ଦ ସରସ, ସୁନ୍ଦର ଏବଂ ଶ୍ରୁତିମଧୁର ହୋଇଥାଏ ।

ଅନୁପ୍ରାସ (Anuprasa), ଯମକ (Jamaka), ଶ୍ଳେଷ (Slesa), ବକ୍ରୋକ୍ତି (bakrokti), ପୁନରୁକ୍ତି (punarukti), ବଦାଭାସ (Badabhasa) ପ୍ରଭୃତି ଶବ୍ଦାଳଙ୍କାର ଅନ୍ତର୍ଗତ । ଏହି ଶବ୍ଦାଳଙ୍କାରକୁ ଆଳଙ୍କାରିକ ଭାଷାରେ '**ଶବ୍ଦପରିବୃତ୍ତି ଅହସ**' କୁହାଯାଏ ।

© Copyright Reserved Only Digital Odisha & Odisha Sarkari Exam

Links are given below :

ଅନୁପ୍ରାସ (Anuprasa), ଯମକ (Jamaka), ଶ୍ଳେଷ (Slesa), ବକ୍ରୋକ୍ତି (bakrokti), ପୁନରୁକ୍ତି ବଦାଭାସ (punarukti B

ରୂପକ
(Rupaka Alankar)

ଉପମାନ ଓ ଉପମେୟ ମଧରେ ଅଭେଦ କଳ୍ପିତ / କଥିତ ହେଲେ ଏବଂ ଉପମେୟରେ ଉପମାନର ଆରୋପହେଲେ ରୂପକ ଅଳଙ୍କାର ହୁଏ ।

ଉପମାଳଙ୍କାରରେ ଉପମାନ ଉପମେୟ ସାଦୃଶ୍ୟ ବର୍ଣ୍ଣନା କରାଯାଇଥାଏ । ରୂପକ ଅଳଙ୍କାରରେ ଉପମାନ ଓ ଉପମେୟର ଅଭେଦ କଳ୍ପନା କରାଯାଇଥାଏ ।

ସାଧାରଣତଃ ଏହା ତିନିପ୍ରକାର ।

(୧) ପରମ୍ପରିତ ରୂପକ, (୨) ସାରଙ୍ଗ ରୂପକ, (୩) ନିରଙ୍ଗ ରୂପକ ।

ପରମ୍ପରିତ ରୂପକ ¬– ଯେଉଁଠାରେ ଗୋଟିଏ ଆରୋପ ଆଉ ଏକ ଆରୋପର କାରଣ ହୋଇଥାଏ, ସେଠାରେ ପରମ୍ପରିତ ରୂପକ ହୁଏ ।ଯଥା –

ଦରିଦ୍ରତା-ପଙ୍କପୂର୍ଣ୍ଣ ମୋ ଜୀବନ-ସର
ଜଞ୍ଜାଳ-ଜଳଦ-ଜଳେ- ଆବିଳ ଉଦର ।

ଏହି ପଦରେ 'ଦରିଦ୍ରତା'ରେ 'ପଙ୍କ'ର ଆରୋପଣ ହେତୁ 'ଜୀବନ' ଓ 'ଜଞ୍ଜାଳ'ରେ ଯଥାକ୍ରମେ 'ସର', 'ଜଳଦ-ଜଳ'ର ଆରୋପ କରାଯାଇଛି ।

କବିତା ବନିତା କବି ତା' ପିତା
କହିବା ଲୋକ ତାର ଉପମାତା
କଲେ ତାକୁ ଭୋଗ ରସିକ ନେତା
କେତେହିଁ ଅବା ରହଲ ଯୋଗତ୍ୟା
କୁମତି ଗୁଆଁର
କେବଳ ବଇମାତ୍ର ଭାଇ ତାର ।। (ରସକଲ୍ଲୋଳ – ଦୀନକୃଷ୍ଣ ଦାସ)

ଏଠାରେ କବିତା ଠାରେ ବନିତା, କବିଙ୍କଠାରେ ପିତା କହିବା ଲୋକଠାରେ ଉପମାତା,

© Copyright Reserved Only Digital Odisha & Odisha Sarkari Exam

ଗୁଆଁରଠାରେ ବୈମାତ୍ରେୟ ଭାଇର ଆରୋପ କରାଯାଇଛି ।

କଳୁଷ¬-ପଙ୍କେ ମୁହିଁ କେଡେ ମଳିନ
କେମନ୍ତେ ସରିତୋର ହେବି ନଳିମ ।। (ପଦ୍ମ –ଭକ୍ତକବି ମଧୁସୂଦନ)

ଏଠାରେ କଳୁଷ ଓ ପଙ୍କ ମଧରେ ଅଭେଦ କଳ୍ପନା କରାଯାଇଛି ଏବଂ କଳୁଷ ଯାହା ପଙ୍କ ତାହାବୋଲି କୁହାଯାଇଛି । ଅର୍ଥାତ କଳୁଷ ଓ ପଙ୍କ ମଧରେ କୌଣସି ଭେଦନାହିଁ – ଦୁହେଁ ଏକ ବସ୍ତୁ ବୋଲି କଳ୍ପମା କରାଯାଇଛି ।

ବିସ୍ମୟ – ଜୀମୂତ ବ୍ୟାପିଗଲା ତା'ର
ସହସା ହୃଦ ଗଗନେ । (ପ୍ରଣୟବଲ୍ଲରୀ)

ଏଠାରେ ବିସ୍ମୟକୁ ମେଘ ବୋଲି ଅଭେଦ କଳ୍ପନା କରିବା ହେତୁ ହୃଦୟକୁ ଆକାଶ ବୋଲି କଳ୍ପନା କରାଯାଇଛି। ଅତଏବ ବିସ୍ମୟରେ ମେଘର ଆରୋପ, ହୃଦୟରେ ମେଘର ଆରୋପ, ହୃଦୟରେ ଆକାଶଆରୋପର କାରଣ ହୋଇଛି ।

ସାଙ୍ଗରୂପକ – ବିଭିନ୍ନ ଅଙ୍ଗବିଶିଷ୍ଟ ଉପମେୟରେ ବିଭିନ୍ନ ଅଙ୍ଗବିଶିଷ୍ଟ ଉପମାନର ଆରୋପ ହେଲେ ସାଙ୍ଗ ରୂପକ ହୁଏ । ଯଥା –

ଖଡ଼ଗ ତଲବାର ଚପଳା ଝଲକେ
ସ୍ପନ୍ଦିତ ଗଜ ଗର୍ଜନ
ପତାକା ଉଡଡୀନ ବକପନ୍ତି ସେନା
ତର୍ଜନ ଡାହୁକ ସ୍ୱନ ।
କେତକୀ ଶାଣିତ କରବାଳ ପୁତ୍ରୀ
ଧନୁ ଇନ୍ଦ୍ର ଶରାସନ,
ଘେନି ଅଜଭାନୁ - ଗ୍ରାସ ଲାଳସରେ
ଧାଇଁଛନ୍ତି ସୈନ୍ୟ ଘନ । (ଇନ୍ଦୁମତୀ)

ଏହା ଅଜଙ୍କ ସହିତ ସୈନ୍ୟମାନଙ୍କ ଯୁଦ୍ଧର ବର୍ଣ୍ଣନା । ଏଥିରେ ଶତ୍ରୁ ସୈନ୍ୟମାନଙ୍କୁ ମେଘ ବୋଲି ଅଭେଦ କଳ୍ପନା କରାଯାଇଛି । ବିଜୁଳି, ବକପନ୍ତି, ଘଡଘଡି, ଡାହୁକସ୍ୱନ, କେତକୀପୁଷ୍ପ, ଇନ୍ଦ୍ରଧନୁ, ସୂର୍ଯ୍ୟ – ଏ ସମସ୍ତ ମେଘ ସମ୍ବନ୍ଧୀୟ । ଖଡଗ, ତଲବାର, ଗଜଗର୍ଜନ, ପତାକା ସୈନ୍ୟମାନଙ୍କ ରଡି, ଗାଣିତ ଛୁରୀ, ଧନୁ, ଅଜ ¬– ଏ ସମସ୍ତ ସୈନ୍ୟମାନଙ୍କ ସମ୍ବନ୍ଧୀ । ଏହିପରି ପରସ୍ପର ସଂପୃକ୍ତ ଉପମେୟରେ ପରସ୍ପର ସଂପୃକ୍ତ ଉପମାନର ଆରୋପ ହୋଇଥିବାରୁ ସାଙ୍ଗରୂପକ ହୋଇଛି ।

© Copyright Reserved Only Digital Odisha & Odisha Sarkari Exam

ଆରୋପଣଟି - ଖଡ୍ଗ, ତଲବାର - ବିଜୁଳି
ହସ୍ତୀଗର୍ଜନ - ଘଡ଼ଘଡ଼ି
ପତାକା - ବକପନ୍ତି ଇତ୍ୟାଦି ।

ନିରଙ୍ଗରୂପକ – ନିରପେକ୍ଷ ଭାବରେ ଏକମାତ୍ର ଆରୋପ ସ୍ଥଳରେ ନିରଙ୍ଗ ରୂପକ ହୁଏ । ଯେପରି –

ପ୍ରେମିକନୟନ ସାରଦରପଣ
ଅନ୍ତର ପରୀକ୍ଷା ପାଇଁ,
ନାହିଁ ଯେବେ ପ୍ରେମ ହୃଦ ଅଭ୍ୟନ୍ତରେ
ଛାୟା ବା ପଡ଼ିବ ନାହିଁ ।

ଏଠାରେ ସ୍ୱତନ୍ତ୍ର ଭାବରେ ପ୍ରେମିକ ନୟନ ହିଁ ସାରଦର୍ପଣ ବୋଲି କେବଳ ଗୋଟିଏ ମାତ୍ର ଆରୋପ ବର୍ଣ୍ଣିତ ହୋଇଥିବାରୁ ନିରଙ୍ଗରୂପକାଳଙ୍କାର ହୋଇଛି ।

ଉପମା
(Upama Alankar)

ଯେଉଁ ବାକ୍ୟରେ ଉପମାନ, ଉପମେୟ ସମାନଧର୍ମ ବିଶିଷ୍ଟ ହୋଇଥାନ୍ତି ଓ ସେମାନଙ୍କ ମଧ୍ୟରେ ଥିବା ସାଦୃଶ୍ୟ (ପରି, ତୁଲ୍ୟ, ସଦୃଶ, ଯେହ୍ନେ, ଯେସନ, ସରି, ଯଥା ପ୍ରଭୃତି) ସାଧାରଣ ବୋଧକ ଶବ୍ଦଦ୍ୱାରା ଅଭିହିତ ହୋଇଥାଏ, ସେଠାରେ ଉପମା ଅଳଙ୍କାର ହୁଏ ।

ଯାହାକୁ ତୁଳନା ଦିଆଯାଇଥାଏ ତାହାକୁ ଉପମେୟ କୁହାଯାଏ । ଯଥା - ମୁଖଚନ୍ଦ୍ରପରି ସୁନ୍ଦର । ଏଠାରେ ମୁଖ ଚନ୍ଦ୍ରସହିତ ତୁଳନା କରାଯାଇଥିବାରୁ 'ମୁଖ' ଉପମେୟ । ଯାହାସହିତ ତୁଳନା କରାଯାଏ ତାହା ଉପମାନ । ସାଧାରଣତଃ ପ୍ରକୃତିର ସୌନ୍ଦର୍ଯ୍ୟ ବିଭବ କିମ୍ବା ଅଧିକ- ଗୁଣବିଶିଷ୍ଟ ବସ୍ତୁକୁ ଉପମାନ ଭାବେ ଗ୍ରହଣ କରାଯାଏ । ଏଠାରେ 'ଚନ୍ଦ୍ର' ବହୁଗୁଣ ବିଶଷ୍ଟ ହୋଇଥିବାରୁ ଉପମାନ ।

ଉପମେୟ ଓ ଉପମାନକୁ ଯେଉଁ ସାଧାରଣ ଗୁଣହେତୁ ତୁଳନା କରାଯାଏ ତାହାକୁ ସାଧାରଣ ଧର୍ମ କହନ୍ତି । ଉପରଲିଖିତ ବାକ୍ୟରେ ମୁଖ ଓ ଚନ୍ଦ୍ରର ସାଧାରଣ ଗୁଣ ହେଉଛି ସୋନ୍ଦର୍ଯ୍ୟ ।

ଉପମାନ ଓ ଉପମେୟ ମଧ୍ୟରେ ଥିବା ସାଧାରଣ ଧର୍ମକୁ ଯେଉଁ ଶବ୍ଦ ସଂଯୋଗକରେ ଅଥବା ସେମାନଙ୍କ ସାଦୃଶ୍ୟକୁ ପ୍ରକାଶରେ, ତାହାରେ ଉପମା ବାଚକ ଶବ୍ଦ କୁହାଯାଏ । ପରି, ଯେହ୍ନେ, ଯଥା, ସଦୃଶ, ତୁଲ୍ୟ ଯେସନ ପ୍ରଭୃତି ଉପମାବାଚକ ଶବ୍ଦ ।

© Copyright Reserved Only Digital Odisha & Odisha Sarkari Exam

ଉଦାହରଣ - (୧) ଖଣ୍ଡ ଖଣ୍ଡ ଧଳାମେଘ ସୁନୀଳ ଅମ୍ବରେ
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ (ଶରତ – ଭକ୍ତକବି ମଧୁସୂଦନ ରାଓ)

ଏଠାରେ ଉପମେୟ = ସନୀଳ ଅମ୍ବରେ (ଆକାଶରେ), ଧଳାମେଘ
ଉପମାନ – ନୀଳ ସମୁଦ୍ରେର ଭାସୁଥିବା ବୋଇତ
ସାଧାରଣ ଧର୍ମ – ଭାସିବା
ଉପମାବାଚକ ଶବ୍ଦ – ଯଥା

ସାଧାରଣ ଧର୍ମ – ଉପମେୟ ଓ ଉପମାନକୁ ଯେଉଁ ସାଧାରଣ ଗୁଣ ଓ କ୍ରିୟା ସହିତ ତୁଳନା କରାଯାଏ । ଯଥା – ଗୋଲାକାରତ୍ୱ - ଚନ୍ଦ୍ରମୁଖୀ ନାୟିକା ।

ବାଚକ ଶବ୍ଦ - ଯାହା ଉପମାନ ଓ ଉପମେୟ ମଧ୍ୟରେ ଥିବା ସାଦୃଶ୍ୟକୁ ପ୍ରକାଶ କରେ । ଯଥା – ପରି, ଯଥା, ଯେହ୍ନେ,ତୁଲ୍ୟ, ଇତ୍ୟାଦି ।

ଏହି ଉପମା ମୁଖ୍ୟତଃ ତିନିପ୍ରକାର । ଯଥା – ପୂର୍ଣ୍ଣୋପମା, ଲୁପ୍ତୋପମା ଓ ମାଲୋପମା ।

ପୂର୍ଣ୍ଣୋପମା – ଉପମେୟ,ଉପମାନ,ସଧାରଣ ଧର୍ମ, ବାଚକ ଶବ୍ଦ – ଏହି ଚତୁଃ ଉପଦାନ ଉଲ୍ଲଖ ଥିଲେ ପୂର୍ଣ୍ଣୋପମା ହୁଏ । ଯଥା –

ଆସନ ସକାଶେ ବୃଦ୍ଧେ ଏବେ ବାଇ
ବାଳକେ ଯେସନେ କ୍ରୀଡନକ ପାଇଁ । (ଦରବାର)

ଏଠାରେ ବୃଦ୍ଧମାନେ ଉପମେୟ, ବାଳକମାନେ ଉପମାନ, ବାଇପଣ (ବାତୁଳତା) ସାଧାରଣ ଧର୍ମ ଏବଂ ଯେସନେ ଉପମାବାଚକ ଶବ୍ଦ, ଏ ସମସ୍ତର ଉଲ୍ଲଖ ଥିବାରୁ ପୂର୍ଣ୍ଣୋପମା ଅଳଙ୍କାର ହୋଇଛି ।

ଲପ୍ତୋପମା – ¬ଉପମେୟ, ଉପମାନ, ସାଧାରଣ ଧର୍ମ ଓ ଉପମାବାଚକ ଶବ୍ଦ, ଏମାନଙ୍କ ମଧ୍ୟରୁ ଏକ ବା ଏକାଧିକ ଲୁପ୍ତ ହୋଇଥିଲେ ଲୁପ୍ତୋପମା ହୁଏ । ଯେପରି –

ଶକୁନ୍ତଳା କଣ୍ୱ- ଦୁହିତା, ଅପର
ବେନି ତାର ସହଚରୀ
ଶକୁନ୍ତଳା ଦିଶୁ - ଥିଲା ବେନି ପତ୍ର-
ମଧ୍ୟରେ ପ୍ରସୂନ ପରି । (ପ୍ରଣୟବଲ୍ଲରୀ)

© Copyright Reserved Only Digital Odisha & Odisha Sarkari Exam

ଏଠାରେ ଶକୁନ୍ତଳା ବେନିପତ୍ର ମଧ୍ୟରେ ପ୍ରସୂନ ପରି ସୁନ୍ଦର ଦିଶୁଥିବା କଥା ଉଲ୍ଲେଖ ଅଛି । କିନ୍ତୁ ସୌନ୍ଦର୍ଯ୍ୟବୋଧକ ସାଧାରଣ ଧର୍ମଚଟି ନାହିଁ ।

ମଳୋପମା – ଏକ ଉପମେୟର ଏକାଧିକ ଉପମାନ ଥିଲେ ମାଳୋପମାଳଙ୍କାର ହୋଇଥାଏ । ଯଥା –

ଶୋଭିତ ଉତ୍କଳ ସଦ୍ମେ ସଦାଶୟା ।
ସରେ ଯଥା ପଦ୍ମ ପଦ୍ମେ ପଦ୍ମାଳୟା ।   (ଚିଲିକା)

ସରରେ ଯେପରି ପଦ୍ମ ଶୋଭାପାଏ ଓ ପଦ୍ମରେ ଯେପରି ଲକ୍ଷ୍ମୀ ଶୋଭାପାଆନ୍ତି, ସେହିପରି ତୁମେ (ପଦ୍ମାବତୀ) ଉତ୍କଳ ରୂପକ ଗୃହରେ ଶୋଭା ପାଇବ । ଏଠାରେ ଗୋଟିଏ ଉପମେୟର ଦୁଇଟି ଉପମାନ ଥିବାରୁ ମାଳୋପମା ହୋଇଛି।

ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣେ
ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ
ମିଶିଯାଏ ଯଥା ଚପଳୀ ନୀଳ ଜଳଦ ଅଙ୍ଗେ
ମିଶିଗଲା ତଥା ଅବଳା ସେହି ନୀଳ ତରଙ୍ଗେ

।   (ଚନ୍ଦ୍ରଭାଗା – ରାଧାନାଥ ରାୟ)

ଏଠାରେ ଉପମେୟ – ଅବଳା (ଚନ୍ଦ୍ରଭାଗା)
ଉପମାନ – ପ୍ରଭାତୀତାରା, ଜୀବାତ୍ମା, ଚପଳା
ସାଧାରଣ ଧର୍ମ – ଲୀନହେବା, ମିଶିଯିବା
ଉପମା ବାଚକ ଶବ୍ଦ – ଯଥା, ତଥା

ଏହି ପଦରେ ଗୋଟିଏ ଉପମେୟ ପାଇଁ ତିନୋଟି ଉପମାନ ରହିଛି ।

ଅର୍ଥାଳଙ୍କାର
(Artha Alankar)

ଅର୍ଥମୂଳକ ବିଚିତ୍ରତାକୁ ଅର୍ଥାଳଙ୍କାର କୁହାଯାଏ । ଅର୍ଥାଳଙ୍କାର ସ୍ଥଳରେ ଥିବା ଶବ୍ଦକୁ ବଦଳାଇ ସମାନାର୍ଥକ ଶବ୍ଦ ବ୍ୟବହାର କଲେ ମଧ୍ୟ ସେ ଅଳଙ୍କାରର ଅସ୍ତିତ୍ୱରେ କୌଣସି ଆଶଙ୍କା ସୃଷ୍ଟି ହେଉ ନଥିବାରୁ, ଅର୍ଥର ପ୍ରଧାନତା ଥିବାରୁ ଅର୍ଥାଳଙ୍କାର ହୁଏ । ଏହି ଅର୍ଥାଳଙ୍କାର ଅର୍ଥ ସାପେକ୍ଷ । ଆଳଙ୍କାରିକ

© Copyright Reserved Only Digital Odisha & Odisha Sarkari Exam

ଭାଷାରେ ଅର୍ଥାଳଙ୍କାରକୁ 'ଶବ୍ଦପରିବୃତ୍ତିସହ' କୁହାଯାଏ । ପ୍ରାସଙ୍ଗିକ (ଉପମେୟ) ଓ ଅପ୍ରାସଙ୍ଗିକ (ଉପମାନ) ମଧ୍ୟରେ ଥିବା ସାମଞ୍ଜସ୍ୟ ହିଁ ଅନେକ ଅର୍ଥାଳଙ୍କାରର ଭିତ୍ତି । ଏହି ସାମଞ୍ଜସ୍ୟର ପ୍ରକାରଭଙ୍ଗୀ ଅନୁସାରେ ବିଭିନ୍ନ ଅଳଙ୍କାରର ନାମକରଣ ହୋଇଥାଏ । ଯଥା -

Links are given below -

(୧) ଉପମା **(upama)**, (୨) ରୂପକ **(rupaka)**, (୩) ଉତପ୍ରେକ୍ଷା **(utprekhya**

ବକ୍ରୋକ୍ତି
(Bakrokti Alankar)

ବକ୍ତା ଦ୍ୱାରା ଗୋଟିଏ ଅର୍ଥରେ ବ୍ୟବହୃତ ହୋଇଥିବା ଶବ୍ଦକୁ ଶ୍ରୋତା ଆଉ ଗୋଟିଏ ଅର୍ଥରେ ଗ୍ରହଣ କଲେ ବକ୍ରୋକ୍ତି ଅଳଙ୍କାର ହୁଏ । ଏହା ଦ୍ୱିବିଧ ।

(୧) ଶ୍ଳେଷ ବକ୍ରୋକ୍ତି , (୨) କାକୁ ବକ୍ରୋକ୍ତି ।

(୧) ଶ୍ଳେଷ ବକ୍ରୋକ୍ତି - ଏକାର୍ଥରେ ପ୍ରଯୁକ୍ତ ଶବ୍ଦକୁ ଭିନ୍ନ ଅର୍ଥରେ ଗ୍ରହଣ କରାହେଲେ ଶ୍ଳେଷ ବକ୍ରୋକ୍ତି ହୁଏ ।

ଯଥା – କହେ ଏକ ନାରୀ ବିଶେଷ ସୁନାରୀ ଏ ଦେଶରେ ବାସ କରିଛି
ଭୃଙ୍ଗ କିଂ ପୁରୁଷ ଚଞ୍ଚଳ-ମାନସ ଏଥି ତହିଁ ପୁଣି ଯାଉଛି ।

ସାଧାରଣ ଅର୍ଥରେ ଜଣେ ସହଚରୀ କହୁଛି, ଏ ସ୍ଥାନରେ ବହୁ ସଂଖ୍ୟାରେ ସୁନାରୀ ଗଛ ରହିଛି । ତେଣୁ ଭଅଁର ସେଠାକୁ ଆସିବା ପାଇଁ ଚଞ୍ଚଳତା (ବ୍ୟାକୁଳତା) ପ୍ରକାସ କରୁଛି ।

ଶ୍ଳେଷାର୍ଥରେ – ଏହି ଦେଶରେ ଜଣେ ବିଶିଷ୍ଟ ସୁନାରୀ ଅର୍ଥାତ ଉତ୍ତମ ନାରୀ ନିବାସ କରିଛି । ତେଣି ଭୃଙ୍ଗ କିଂ ପୁରୁଷ ଅର୍ଥାତ୍ ଲମ୍ପଟ ତା'ପାଖକୁ ଯିବାପାଇଁ ଚଞ୍ଚଳତା ପ୍ରକାଶ କରୁଛି ।

(୨) କାକୁ ବକ୍ରୋକ୍ତି – ଏହି ବକ୍ରୋକ୍ତିରେ ବକ୍ତାର କଣ୍ଠସ୍ୱର ଯୋଗୁଁ ଶ୍ରୋତା ଉଚ୍ଚାରିତ ବାକ୍ୟର ଅନ୍ୟ ଅର୍ଥ ଗ୍ରହଣ କରେ । ଯେପରି –

ନାହିଁ ଏ ଭାରତେ ବିଦ୍ୟାର ବିଳାସ
ନାହିଁ ଏ ଭାରତେ ଶୌର୍ଯ୍ୟର ପ୍ରକାଶ ।

ଏହା ଗୋଟିଏ ନିଷେଧାର୍ଥକ ବାକ୍ୟ । କିନ୍ତୁ ଏହାକୁ ପ୍ରଶ୍ନବାଚୀ କରି ପଢିଲେ ଏଥିରୁ ନିଷେଧାର୍ଥ ପରିବର୍ତ୍ତେ ନିଶ୍ଚୟାର୍ଥ ଉତ୍ପନ୍ନ ହୁଏ । ଅର୍ଥାତ୍ ଭରତରେ ବିଦ୍ୟାର ବିଳାସ ଓ ଶୌର୍ଯ୍ୟର ପ୍ରକାଶ ଅଛି ।

© Copyright Reserved Only Digital Odisha & Odisha Sarkari Exam

ପୁନରୁକ୍ତ ବଦାଭାସ
(punarukti Badabhasa)

ଯେଉଁଠାରେ ଅର୍ଥ ଦୃଷ୍ଟିରୁ ଶବ୍ଦଗୁଡିକର ପୁନରୁକ୍ତି ହେଲାପରି ଜଣାପଡେ, କିନ୍ତୁ ପ୍ରକୃତରେ ପୁନରୁକ୍ତି ହୋଇ ନଥାଏ, ସେଠାରେ ପୁନରୁକ୍ତ ବଦାଭାସ ଅଳଙ୍କାର ହିଏ । ଯଥା –

ପତିକାନ୍ତ ପ୍ରିୟ ବଚନକୁ କର୍ଣ୍ଣେ ଶୁଣି
କୋପମାନ ନାଗ କଲା ରାମା ଶିରୋମଣି ।   (ପ୍ରେମ ସୁଧାନିଧି)

ଏଠାରେ ପତି, କାନ୍ତ, ପ୍ରିୟ – ଏହି ଶବ୍ଦଗୁଡିକ ଅର୍ଥ ଦୃଷ୍ଟିରୁ ପୁନରୁକ୍ତ ହେଲାପରି ଜଣାପଡୁଛି କିନ୍ତୁ ପ୍ରକୃତରେ ସେମାନଙ୍କର ଅର୍ଥ ଭିନ୍ନ । ଯଥା –

ପତି – ସ୍ୱାମୀ, କାନ୍ତ – ମନୋହର, ପ୍ରିୟ – ମଧୁର । (ସ୍ୱାମୀଙ୍କର ମନୋହର ତଥା ମଧୁର ବଚନ ଶୁଣି) । ସେହିପରି କୋପ ଓ ମାନ ଉଭୟେ ପୁନରୁକ୍ତ ହେଉଥିଲେ ମଧ୍ୟ କୋପ – କ୍ରୋଧ ଓ ମାନ – ବହୁବଚନ ଚିହ୍ନ ରୂପେ (ରାମା ଶିରୋମଣି କ୍ରୋଧସବୁ ନାଶକଲା) ବ୍ୟବହୃତ ।

ଏହିଭଳି ଭାବରେ ଅନେକ ଶବ୍ଦାଳଙ୍କାର ପ୍ରାଚୀନ ଓଡ଼ିଶା କବିମାନେ ବ୍ୟବହାର କରିଛନ୍ତି ।

ଯମକ
(Jamaka Alankara)

ଭିନ୍ନ ଅର୍ଥବୋଧକ ଶବ୍ଦମାନଙ୍କର ଏକାଧିକବାର ବ୍ୟବହାରକୁ ଯମକାଳଙ୍କାର କୁହାଯାଏ । ଯମକରେ (ଇ,ଈ), (ଉ, ଊ), (ଜ,ଯ), (ର,ଳ), ଓ (ଶ, ଷ, ସ) ପ୍ରଭୃତିର ଭେଦ ଧରାଯାଏ ନାହିଁ । ବ୍ୟବହାର ଓ ସ୍ଥାନ ଭେଦରେ ଏହା ଅନେକ ପ୍ରକାରର ।

ଉଦାହରଣ – ବରଜୀବ ରସେ ଦେଇ ମାନସ
ବରଜି ବରଷେ ଅମେଧ
ଗ୍ରାସ   (ଜଗତେ କେବଳ – ବଳଦେବ ରଥ)

ପ୍ରଥମ ପାଦରେ 'ବରଜୀବ' (ଶ୍ରେଷ୍ଠପଶୁ) ର ଅର୍ଥ ଗାଈ ; ତାହାର ରସ ବେଲା କ୍ଷୀର । 'ବର ଜୀବରସ'ର ସାମଗ୍ରିକ ଅର୍ଥ ଗାଈକ୍ଷୀର । ଦ୍ୱିତୀୟପାଦରେ 'ବରଜି' ର ଅର୍ଥ ତ୍ୟାଗକରି (ବର୍ଜନକରି) ଏବଂ 'ବରଷେ' ଅର୍ଥ ବର୍ଷକଯାଏ । ଅର୍ଥାତ ବର୍ଷକଯାଏ ବର୍ଜନକରି ।

© Copyright Reserved Only Digital Odisha & Odisha Sarkari Exam

ଅହିମକର ତାପନାଶେ ଶୋଭା ସାରସ ଚକ୍ରେ

ଅହିମକର ତାପନାଶେ ଶୋଭା ସାରସ ଚକ୍ରେ ।।

ଅକ୍ଷର ଦୃଷ୍ଟିରୁ ଦେଖିଲେ ଉଭୟପାଦରେ ଏକା ବର୍ଣ୍ଣମାନ ରହିଅଛି । କିନ୍ତୁ ଅର୍ଥ ଦୃଷ୍ଟିରୁ ଶବ୍ଦମାନଙ୍କର ଭିନ୍ନତା ଜଣାଯାଏ । ଦୁଇ ପଙ୍‌କ୍ତି ଉଚ୍ଚାରଣରେ ସମାନ ।

ପ୍ରଥମ ପାଦ – ଅହି – ସାପ, ମକର – କୁମ୍ଭୀର ,

ତାପ – ଦୁଃଖ, ସାରସ – ପଦ୍ମ, ଚକ୍ରେ – ସମୂହରେ ।

୨ୟ ପାଦ – ଅହିମକର – ସୂର୍ଯ୍ୟ , ତାପ- ଉଷ୍ଣତା , ସାରସ – ହଂସ ,

ଚକ୍ରେ – ଚକ୍ରବାକାଦିରେ / ମଣ୍ଡଳୀରେ

ଏହି .ଯମକ ଅଳଙ୍କାର ପ୍ରଧାନତଃ ପାଞ୍ଚ ପ୍ରକାରର, ଯଥା- ଆଦ୍ୟଯମକ, ମଧ୍ୟଯମକ, ପ୍ରାନ୍ତଯମକ, ମାଳଯମକ ଏବଂ ସର୍ବଯମକ ।

ଆଦ୍ୟଯମକ – ପଥରେ ପଥରେ ନାରୀ କରି କଲେ ମୋଦ

ଦସବସ୍ଥଳ ଦାସରେ ଧୁଆଇଲେ ପାଦ

। (ଲାବଣ୍ୟବତୀ)

ପଥରେ (ବାଟରେ) ପଥରେ (ପଥରକୁ) ରାମଚନ୍ଦ୍ର ଅହଲ୍ୟାରେ ପରିଣତ କଲେ । ଏଠାରେ 'ପଥରେ' ପଦ ପାଦର ଆଦ୍ୟରେ ବିଭିନ୍ନ ଅର୍ଥରେ ବ୍ୟବହୃତ ହୋଇଥିବା ଯୋଗୁଁ ଆଦ୍ୟ ଯମକାଳଙ୍କାର ହୋଇଛି ।

ମଧ୍ୟଯମକ - ଦେଖରେ ନଳିନି, ନଳିନୀ ନଳିନୀରେ ପୂରୀତ

© Copyright Reserved Only Digital Odisha & Odisha Sarkari Exam

ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ

। (ଲାବଣ୍ୟବତୀ)

ଏଠାରେ ପ୍ରଥମ ପାଦରେ ନଳିନୀପଦ ୩ ଥର ଏ ୨ ୟ ପାଦରେ ଭ୍ରମର ପଦ ୩ଥର ବ୍ୟବହୃତ ହୋଇଥିଲେ ମଧ୍ୟ ତାହା ୩ଟି ସ୍ୱତନ୍ତ୍ର ଅର୍ଥର ବୋଧକ ହୋଇଥିବାରୁ ଏବଂ ମଧ୍ୟଭାଗରେ ଥିବାରୁ ମଧ୍ୟଯମକାଲଙ୍କାର ହୋଇଛି ।

ନଳିନି (ପଦ୍ମିନୀ ନାରୀ/ ହେ ପ୍ରିୟେ) ନଳିନୀ (ପୁଷ୍କରିଣୀ) ନଳିନୀ (ପଦ୍ମ) ଭ୍ରମରେ (ଭ୍ରମରମାନେ) ଭ୍ରମର (ବିହ୍ୱଳ ହୋଇ) ଭ୍ରମରେ (ଭଉଁରୀମାନଙ୍କ ଦ୍ୱାରା) ।

ପ୍ରାନ୍ତ ଯମକ - ସ୍ନାନ ସମୟେ ମୋ ପୟରେ

ଦୟାମୟି ନ ପେଲିବୁ ତାଙ୍କୁ ପୟରେ

। (ତପସ୍ୱିନୀ)

ଏଠାରେ ପ୍ରଥମ ପାଦରେ ବ୍ୟବହୃତ (ପୟରେ) ଜଳ ଅର୍ଥରେ ଏବଂ ଦ୍ୱିତୀୟ ପାଦରେ ବ୍ୟବହୃତ (ପୟରେ) ପାଦ ଅର୍ଥରେ ବ୍ୟବହୃତ । ଏହିପରି ଭାବରେ ବିଭିନ୍ନ ଅର୍ଥରେ ଏକ ଶବ୍ଦ ପଦର ପ୍ରାନ୍ତରେ ବ୍ୟବହୃତ ହୋଇ ପ୍ରାନ୍ତଯମକ ହୋଇଛି ।

ମାଳଯମକ – ବିଭିନ୍ନ ଅର୍ଥରେ ଏକ ଶବ୍ଦ କୌଣସି ଚରଣରେ ଦୁଇରୁ ଅଧିକ ଥର ବ୍ୟବହୃତ ହେଲେ ମାଳଯମକ ହୁଏ ।

ଯଥା - **ବହଇ ନିର୍ଝର ଝର ଝର ଅବିରତ**

ବିଶେଷ ତରଙ୍ଗ ରଙ୍ଗ ରଙ୍ଗଣୀ ଶୋଭିତ

ଯେ (ବୈଦେହୀଶ ବିଳାସ)

ସର୍ବଯମକ – କୌଣସି ସ୍ତବକର ପ୍ରଥମ ଚରଣରେ ପଦମାନ ଯେପରି ଶୃଙ୍ଖଳାରେ ବ୍ୟବହୃତ, ଦ୍ୱିତୀୟ ଚରଣରେ ଅନୁରୂପ ଶୃଙ୍ଖଳାରେ ବ୍ୟବହୃତ ହେଲେ ସର୍ବଯମକ

© Copyright Reserved Only Digital Odisha & Odisha Sarkari Exam

ବା ମହାଯମକ ହୁଏ । ଯେପରି –

ଅହିମକର ତାପ ନାଶେ ଶୋଭା ସାରସ ଚକ୍ରେ
ଅହିମକର ତାପ ନାଶେ ଶୋଭା ସାରସ ଚକ୍ରେ

। (ଲାବଣ୍ୟବତୀ)

ପ୍ରଥମ ପାଦରେ ଅହିର ଅର୍ଥ ସାପ, ମକର ¬– ମଗର ମାଛ, ତାପ – କଷ୍ଟ, ସାରସଚକ୍ର – ପଦ୍ମସମୂହ ଅର୍ଥାତ୍ ଏ ପୁଷ୍କରିଣୀଟି ସାପ ଓ ମଗରମାନଙ୍କର କଷ୍ଟ ନାଶ କରୁଅଛି ଏବଂ ପଦ୍ମସମୂହ ଦ୍ୱାରା ଶୋଭାପାଉଛି । ଅନ୍ୟ ଅର୍ଥରେ ଅହିମକର ଅର୍ଥ ସୂର୍ଯ୍ୟ, ତାପ – ଉତ୍ତାପ, ସାରସଚକ୍ର – ହଂସମଣ୍ଡଳୀ ଅର୍ଥାତ୍ ଏହା ସୂର୍ଯ୍ୟତାପକୁ ନାଶ କରୁଛି ଏବଂ ହଂସମଣ୍ଡଳୀ ଦ୍ୱାରା ଶୋଭିତ ହୋଇଛି । ଏଠାରେ ଦୁଇଟି ଯାକ ପାଦରେ ରୂପଗତ ସମାନତା ଥିଲେ ମଧ୍ୟ ଅର୍ଥରେ ଭିନ୍ନତା ନିହିତ ଏବଂ ପ୍ରାରମ୍ଭରୁ ଅନ୍ତ ପର୍ଯ୍ୟନ୍ତ ସମରୂପ ବିଶିଷ୍ଟ ଶବ୍ଦଗୁଡିକ ବ୍ୟାପକ ଭାବେ ଥିବାରୁ ସର୍ବଯମକାଳଙ୍କାର ହୋଇଛି ।

ନାମକ ସାର ଯମକ ¬– ଚରଣର ପ୍ରଥମ ପର୍ବରେ ଯେଉଁ ବର୍ଣ୍ଣଗୁଡିକ ଯେପରି ଶୃଙ୍ଖଳାରେ ବନ୍ଧିତ ହୋଇଥିବ, ସେହି ବର୍ଣ୍ଣଗୁଡିକ ସପରି ଶୃଙ୍ଖଳାରେ ଦ୍ୱିତୀୟ ପର୍ବରେ ବ୍ୟବହୃତ ହେଲେ ଏହି ଯମକ ହୁଏ । ଯଥା -

ନାଗ ପମଣୀ ଗଣ ନାଗ ରମଣି ଗଣ –
ନା ନୋହି ଦେଇଣ ପୂଜିବେ । (ବିଦଗ୍ଧ ଚିନ୍ତାମଣି)

ଅନୁପ୍ରାସ
(Anuprasa Alankara)

ଏକ ବ୍ୟଞ୍ଜନବର୍ଣ୍ଣର ପୁନଃପୁନଃ ଆବୃତ୍ତିକୁ ଅନୁପ୍ରାସ କୁହାଯାଏ । ଏହି ଅନୁପ୍ରାସ ଅଳଙ୍କାର ମଧ୍ୟରେ ବିଭିନ୍ନ ବିଭାଗଅଛି । ଯଥା - ବୃତ୍ତ୍ୟନୁପ୍ରାସ (Brutyanuprasa), ଛେକାନୁପ୍ରାସ (Chekanuprasa), ଶ୍ରୁତ୍ୟନୁପ୍ରାସ (Srutyanuprasa), ଲାଟାନୁପ୍ରାସ (Latanuprasa),

© Copyright Reserved Only Digital Odisha & Odisha Sarkari Exam

ଅନ୍ତ୍ୟାନୁପ୍ରାସ (antyanuprasa) ଓ ଆଦ୍ୟପ୍ରାନ୍ତ୍ୟାନୁପ୍ରାସ (Adyaprantyanuprasa) ଇତ୍ୟାଦି ।

ବୃତ୍ତ୍ୟାନୁପ୍ରାସ – ଏହା ମୁଖ୍ୟତଃ ଚାରି ପ୍ରକାର ।

(୧) ଏକ ବ୍ୟଞ୍ଜନବର୍ଣ୍ଣ ଥରେ ମାତ୍ର ଆବୃତ୍ତି ହେଲେ ଏକ ଅଳଙ୍କାର ହୋଇଥାଏ । ଯଥା –

ଅଧିକେ ସଂସାର ସଂଗତେ
ପୀରତି ନକରିବ ଚିତ୍ତେ । (ଭାଗବତ)

ଏଠାରେ 'ର' ବର୍ଣ୍ଣର ଥରେ ମାତ୍ର ପୁନରାବୃତ୍ତି କରାଯାଇଛି ।

(୨) ଏକ ବ୍ୟଞ୍ଜନ ବର୍ଣ୍ଣ ବହୁବାର ଆବୃତ୍ତି ହେଲେ ବୃତ୍ତ୍ୟନୁପ୍ରାସ ଅଳଙ୍କାର ହୋଇଥାଏ । ଯଥା –

ଉତ୍କଳ – କମଳା – ବିଳାସ – ଦୀର୍ଘିକା
ମରାଳ – ମାଳିନୀ – ନୀଳାମ୍ବୁ – ଚିଲିକା । (ଚିଲିକା)

ଏଠାରେ 'ଳ' ବର୍ଣ୍ଣର ବହୁବାର ଆବୃତି ହୋଇଛି ।

(୩) ଏକାଧିକ ବ୍ୟଞ୍ଜନବର୍ଣ୍ଣ କେବଳ ସ୍ୱରୂପତଃ ଆବୃତ୍ତି ହେଲେ, ଯଥା –

ସରେ ରସେ ଷଟପଦ ସାରସୀ – ରସରେ
ବୁଲେ ସଦା ଲବେ ସ୍ଥିର ନୋହି କା'ପାଶରେ
। (ଲାବଣ୍ୟବତୀ)

ଏଠାରେ 'ସ' ଓ 'ର' ମିଳିତ ହୋଇ ବହୁବାର ଆବୃତ୍ତ ହୋଇଛନ୍ତି ଅଥଚ ରୂପଗତ ସାମ୍ୟ ଥିଲେ ବି କ୍ରମ ରକ୍ଷା କରାଯାଇନାହିଁ ।

(୪) ଦେଖି ନବ କାଳିକା ବକାଳିକା ମାଳିକା
ଆଳି କାଳିକା କାନ୍ତସ୍ମରି
ରକ୍ଷା କେମନ୍ତେ କରି କରିବା ମତ୍ତକରୀ-
ଗତିକି ଏମନ୍ତ ବିଚାରି । (ଲାବଣ୍ୟବତୀ – ଉପେନ୍ଦ୍ରଭଞ୍ଜ)

ଏଠାରେ 'କ' ଓ 'ଳ' ଏବଂ 'ର' ବ୍ୟଞ୍ଜନବର୍ଣ୍ଣର ବାରମ୍ବାର ପ୍ରୟୋଗ ହୋଇଛି ।

(୫) " ମୋ କୁଳେ ଚାଳି ଚରଣ କରିବୁ ମା ବିଚରଣ
ବ୍ୟପଦେଶେ ବିତରିଣ ଅମରକାନ୍ତି
ତା ଲଭି ବନପାଦପ ରାଜି ହୋଇ ଦପଦପ
ବହିବେ ଅମର ଦର୍ପ ବିହିବେ ଶାନ୍ତି,
ପଲ୍ଲବେ ପାଟଳ ଶ୍ୟାମଳ
ରୁଚିର ରୁଚି ରହିବ ଚିର ନିର୍ମଳ । (ତପସ୍ୱିନୀ – ଗଙ୍ଗାଧର ମେହେର)

© Copyright Reserved Only Digital Odisha & Odisha Sarkari Exam

ଏଠାରେ ପ୍ରଥମ ଓ ଦ୍ଵିତୀୟ ପାଦରେ – କ, ଚ, ର, ଏବଂ ପ – ବ୍ୟଞ୍ଜନ ବର୍ଣମାନଙ୍କର ବହୁବାର ଆବୃତ୍ତି ଘଟିଛି ।ତୃତୀୟ ପାଦରେ 'ପ', 'ଳ', ଏବଂ ୪ର୍ଥ ପାଦରେ 'ର' ଏବଂ 'ଚ' ର ମଧ୍ୟ ଏକାଧିକବାର ଆବୃତ୍ତି ଘଟିଛି ।

(୬) ଏକାଧିକ ବ୍ୟଞ୍ଜନବର୍ଣ୍ଣ ସ୍ଵରୂପତଃ ଏବଂ କ୍ରମତଃ ବହୁବାର ଆବୃତ୍ତି ହେଲେ ମଧ୍ୟ ବୃତ୍ତ୍ୟନୁପ୍ରାସ ଅଳଙ୍କାର ହୁଏ । ଯଥା –

ରସିକ ବିଚାର କରେ ଦୀପଦାଳ କାର୍ତ୍ତୀକରେ
ପ୍ରୟାଗେ ସ୍ନାନ ମକରେ ଯେହୁ ନ କରେ
ମିଶେ କି ସେ ଆଲୋକରେ ଉତ୍ତମ ରାମା ଅଙ୍କରେ
ଘେନିବରେ ପଲ୍ୟଙ୍କରେ କି ହିମକରେ । ଇତ୍ୟାଦି

। (ପ୍ରେମ ସୁଧାନିଧି)

ଏଠାରେ 'କ' ଓ 'ର' ଦୁଇଟି ବ୍ୟଞ୍ଜନବର୍ଣ୍ଣ ସ୍ଵରୂପତଃ ଓ କ୍ରମତଃ ବହୁବାର ଆବୃତ୍ତି ହୋଇଥିବା ଯୋଗୁଁ ବୃତ୍ତ୍ୟନୁପ୍ରାସ ଅଳଙ୍କାର ହୋଇଛି ।

ଛେକାନୁପ୍ରାସ (Chekanuprasa) – ଏକାଧିକ ବ୍ୟଞ୍ଜନ ବର୍ଣ୍ଣ ସ୍ଵରୂପତଃ ଏବଂ କ୍ରମତଃ ଥରେ ମାତ୍ର ଆବୃତ୍ତି ହେଲେ ଛେକାନୁପ୍ରାସ ହୁଏ । ଯଥା -

ସାଧବ ଶୁଣ ହୋ ମାଧବ ଦୂତୀ କରି ପେଷଣ
କାତର ହୋଇଣ ଉତ୍ତର କଲେ ସଖୀଙ୍କି ପୁଣ । (ବିଦଗ୍ଧ ଚିନ୍ତାମଣି)

ଏଠାରେ 'ସାଧବ' , 'ମାଧବ' , 'କାତର' , 'ଉତ୍ତର' ଏହିପରି ଏକାଧିକ ବ୍ୟଞ୍ଜନବର୍ଣ୍ଣ ସ୍ଵରୂପତଃ ଏବଂ କ୍ରମତଃ ଥରେ ଥରେ ଆବୃତି ହୋଇଛି ।

ଶ୍ରୁତ୍ୟନୁପ୍ରାସ (Srutyanuparasa)– କଣ୍ଠ , ଓଠ ଏବଂ ତାଳୁ – କୈାଣସି ଏକ ସ୍ଥାନରୁ ଉଚ୍ଚାରିତ ବ୍ୟଞ୍ଜନବର୍ଣ୍ଣ ମାନଙ୍କର ଏକାଧିକବାର ଆବୃତ୍ତିକୁ ଶ୍ରୁତ୍ୟନୁପ୍ରାସ କୁହାଯାଏ । ଯେପରି –

ପୁଷ୍ପପବି ପ୍ରଭା ପ୍ରଭ ଭ୍ରମୁ ଭାବେ ଭୁବି
ଭୀମ ବାଷ୍ପ ଭବ ଭବେ ଭବ ଭାବି ଭାବି । (ପ୍ରେମ ସୁଧାନିଧି)

ଏଥିରେ କେବଳ ଓଷ୍ଠ୍ୟବର୍ଣ୍ଣଗୁଡିକ ବ୍ୟବହୃତ ।

ଲଟାନୁପ୍ରାସ (Latanuprasa) – କେବଳ ଅନ୍ଵୟ ଭେଦ ଥାଇ ଏକ ଅର୍ଥରେ ଶବ୍ଦର ଆବୃତ୍ତି ହେଲେ ଲାଟାନୁପ୍ରାସ ହୁଏ । ଅର୍ଥାତ୍ ଶବ୍ଦ ଓ ଅର୍ଥ ଉଭୟଙ୍କ ପୁନରୁକ୍ତି ହେବା ସତ୍ତ୍ୱେ ସେ ଉଭୟଙ୍କ ମଧ୍ୟରେ କୌଣସି ତାତ୍ପର୍ଯ୍ୟଗତ ପାର୍ଥକ୍ୟ ଥିବା ଆବଶ୍ୟକ । ଯଥା –

ଉପାଧି ଜଡ଼ିତେ ଉପାଧି ଜଡ଼ିତ
ଉପାଧିରେ ଆଜି କରିବେ ଜଡ଼ିତ । (ଦରବାର)

© Copyright Reserved Only Digital Odisha & Odisha Sarkari Exam

ଏଠାରେ ଅର୍ଥଗତ ପ୍ରଭେଦ ନଥିଲେ ମଧ୍ୟ ତାତ୍ପର୍ଯ୍ୟଗତ ପ୍ରଭେଦରେ 'ଉପାଧି' ଶବ୍ଦ ପୁନଃପୁନଃ ପ୍ରୟୋଗ କରାଯାଇଛି ।

ଅନ୍ତ୍ୟାନୁପ୍ରାସ (Antyanuprasa) – ପାଦ ବା ପଦର ଶେଷରେ ଅବସ୍ଥିତ ବ୍ୟଞ୍ଜନବର୍ଣ୍ଣ ତାହାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସ୍ୱର ସହିତ ଏକାଧିକବାର ଆବୃତି ହେଲେ ଅନ୍ତ୍ୟାନୁପ୍ରାସ ହୁଏ ।

ଅପ୍ରାକୃତ ପ୍ରେମ ତା'ନାମ କାମ
ଆୟତ୍ତ ରହେ କି ସେ ହେଲେ ବାମ । (ବିଦଗ୍ଧ ଚିନ୍ତାମଣି)

ଆଦ୍ୟ – ପ୍ରାନ୍ତ୍ୟାନୁପ୍ରାସ/ ଏକବର୍ଣ୍ଣାନୁପ୍ରାସ – କୌଣସି ପଦର ପ୍ରତିଚରଣର ଆଦ୍ୟ ଓ ପ୍ରାନ୍ତରେ ଏକ ପ୍ରକାର ବ୍ୟଞ୍ଜନବର୍ଣ୍ଣ ବ୍ୟବହୃତ ହୋଇଥିଲେ ଏହି ଅନୁପ୍ରାସ ହୋଇଥାଏ । ଯଥା –

ସନ୍ତଜନ ଘେନ ଏ ଦିବ୍ୟରସ
ସଖୀ ଶିଖି ଗୋବିନ୍ଦ – ଚିନ୍ତା ଭାଷ । (ବିଦଗ୍ଧ ଚିନ୍ତାମଣି)

ସନ୍ଧି
(Sandhi)

(କ) ମୁଁ ବିଦ୍ୟାଳୟରେ ପଢୁଛି ।

(ଖ) ଆଜିକାଲି ଚଳଚ୍ଚିତ୍ର ପ୍ରସାର ଘଟୁଛି ।

(ଗ) ରମାଦେବୀ ନିରାଡ଼ମ୍ବର ଜୀବନ ଯାପନ କରୁଛନ୍ତି ।

ଉପରଲିଖିତ ବାକ୍ୟଗୁଡିକୁ ପଢ ଓ ରେଖାଙ୍କିତ ପଦଗୁଡିକ ଲକ୍ଷ୍ୟ କର । ପ୍ରତ୍ୟେକ ରେଖାଙ୍କିତ ପଦ ଦୁଇ ଦୁଇଟି ଶବ୍ଦମିଶି ଗଠିତ ।

ଯଥା :- ବିଦ୍ୟା (bidya) + ଆଳୟ (alaya) = ବିଦ୍ୟାଳୟ (bidyalaya) ।
ଚଳତ୍ (chalat) + ଚିତ୍ର (chitra) = ଚଳଚ୍ଚିତ୍ର (chalachitra)
ନିଃ (ni) + ଆଡମ୍ବର (adamar) = ନିରାଡମ୍ବର (niradamar)

ବିଦ୍ୟାଳୟ (bidyalaya), ଚଳଚ୍ଚିତ୍ର (chalachitra), ନିରାଡ଼ମ୍ବର (niradamar) ପ୍ରଭୃତି ଶବ୍ଦ ଦୁଇ ଶବ୍ଦ ମିଶି ଗଠିତ ହୋଇଥିବାରୁ ଏଗୁଡିକ ସନ୍ଧିପଦ ।

ପ୍ରଥମ ଶବ୍ଦର ଶେଷବର୍ଣ୍ଣ ଓ ଦ୍ୱିତୀୟ ଶବ୍ଦର ପ୍ରଥମ ବର୍ଣ୍ଣର ମିଳନକୁ ସନ୍ଧି କହନ୍ତି ।
ସନ୍ଧି ତିନିପ୍ରକାର :

୧. ସ୍ୱର ସନ୍ଧି (Swara sandhi), ୨. **ବ୍ୟଞ୍ଜନ ବର୍ଣ୍ଣ (byanjana sandhi) ୩. ବିସର୍ଗ ସନ୍ଧି (bisarga sandhi)**

ସ୍ୱରସନ୍ଧି
(Swara Sandhi)

© Copyright Reserved Only Digital Odisha & Odisha Sarkari Exam

ସ୍ୱର ସନ୍ଧି (Swara Sandhi) : ପରସ୍ପର ସନ୍ନିହିତ ଦୁଇଟି ସ୍ୱରବର୍ଣ୍ଣର ମିଳନକୁ ସ୍ୱରସନ୍ଧି କହନ୍ତି ।

୧. (କ) ଅ + ଅ = ଆ

ଶଶ + ଅଙ୍କ = ଶଶାଙ୍କ (Sasanka)

ସାର + ଅଂଶ = ସାରାଂଶ (Saransha)

ସ୍ୱ + ଅଧିନ = ସ୍ୱାଧିନ (Swadhina)

ଗ୍ରାମ + ଅଞ୍ଚଳ = ଗ୍ରାମାଞ୍ଚଳ (Gramanchala)

(ଖ) ଅ + ଆ = ଆ

ହିମ + ଆଳୟ = ହିମାଆଳୟ (Himalaya)

ଉଚ୍ଚ + ଆସନ = ଉଚ୍ଚାସନ (Uchhasana)

ରତ୍ନ + ଆସନ = ରତ୍ନାକର (Ratnakara)

ରାଜେନ୍ଦ୍ର + ଆସନ = ରାଜେନ୍ଦ୍ରାସନ (Rajendrasana)

(ଗ) ଆ + ଅ = ଆ

ଆଶା + ଅତୀତ = ଆଶାତୀତ (Asatita)

ସୁଧା + ଅଂଶୁ = ସୁଧାଂଶୁ (Sudhansu)

ବିଦ୍ୟା + ଅଭିମାନ = ବିଦ୍ୟାଭିମାନ (Vidyabhimana)

ବିଦ୍ୟା + ଅଳଙ୍କାର = ବିଦ୍ୟାଳଙ୍କାର (Bidyalankara)

(ଘ) ଆ + ଆ = ଆ

ବିଦ୍ୟା + ଆଳୟ = ବିଦ୍ୟାଳୟ (Bidyalaya)

ମହା + ଆନନ୍ଦ = ମହାନନ୍ଦ (Mahananda)

ମହା + ଆକାଶ = ମହାକାଶ (Mahakash)

ସୁଧା + ଆକାର = ସୁଧାକର (Sudhakar)

ସୂତ୍ର : - 'ଅ' ବା 'ଆ' ପରେ 'ଅ' ବା 'ଆ' ଥିଲେ ଦୁହେଁ ମିଶି 'ଆ' ହୁଅନ୍ତି । ସେହି 'ଆ' – ଆକାର (।) ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।

୨. (କ) ଇ + ଇ = ଈ

ଯତି + ଇନ୍ଦ୍ର = ଯତୀନ୍ଦ୍ର (Jatindra)

ଅତି + ଇବ = ଅତୀବ (Atiba)

ପ୍ରତି + ଇତି = ପ୍ରତୀତି (Pratiti)

ମୁନି + ଇନ୍ଦ୍ର = ମୁନୀନ୍ଦ୍ର (Munindra)

(ଖ) ଇ + ଈ = ଈ

ମୁନି + ଈଶ୍ୱର = ମୁନୀଶ୍ୱର (Muniswara)

କ୍ଷିତି + ଈଶ = କ୍ଷିତୀଶ (Khitis)

© Copyright Reserved Only Digital Odisha & Odisha Sarkari Exam

ପରି + ଈକ୍ଷା = ପରୀକ୍ଷା (Parishya)

(ଗ) ଈ + ଇ = ଈ

ମହୀ + ଇନ୍ଦ୍ର = ମହୀନ୍ଦ୍ର (Mahindra)

ଶଚୀ + ଇନ୍ଦ୍ର = ଶଚୀନ୍ଦ୍ର (Sachindra)

(ଘ) ଈ + ଈ = ଈ

ପୃଥୀ + ଈଶ୍ୱର = ପୃଥୀଶ୍ୱର (Pruthiswara)

ରଜନୀ + ଈଶ = ରଜନୀଶ (Rajanish)

ପାର୍ବତୀ + ଈଶ = ପାର୍ବତୀଶ (Parbatisha)

ସୂତ୍ର :- 'ଇ' ବା 'ଈ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଈ' ହୁଅନ୍ତି । ସେହି 'ଈ' ଈ କାର (ୀ) ହୋଇ ପୂର୍ବବର୍ଣ୍ଣ ଯୁକ୍ତ ହୁଏ ।

୩. (କ) ଉ + ଉ = ଊ

ସୁ + ଉକ୍ତି = ସୂକ୍ତି (Sukti)

କଟୁ + ଉକ୍ତି = କଟୂକ୍ତି (Katukti)

ମରୁ + ଉଦ୍ୟାନ = ମରୂଦ୍ୟାନ (Marudyan)

(ଖ) ଉ + ଊ = ଊ

ଲଘୁ + ଊର୍ମି = ଲଘୂର୍ମି (Laghurmi)

(ଗ) ଊ + ଉ = ଊ

ବଧୂ + ଉକ୍ତି = ବଧୂକ୍ତି (Badhukti)

(ଘ) ଊ + ଊ = ଉକ୍ତି

ଭୂ + ଊର୍ଦ୍ଧ୍ୱ = ଭୂର୍ଦ୍ଧ୍ୱ (bhurdha)

ସୂତ୍ର :- 'ଉ' ବା 'ଊ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଊ' ହୁଅନ୍ତି । ସେହି 'ଊ', ଊ କାର (ୂ) ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।

୪. (କ) ଅ + ଇ = ଏ

ନର + ଇନ୍ଦ୍ର = ନରେନ୍ଦ୍ର (Narendra)

ପୂର୍ଣ୍ଣ + ଇନ୍ଦୁ = ପୂର୍ଣ୍ଣେନ୍ଦୁ (Purnendu)

ଜିତ + ଇନ୍ଦ୍ରିୟ = ଜିତେନ୍ଦ୍ରିୟ (Jintendriya)

(ଖ) ଅ + ଈ = ଏ

ଗଣ + ଈଶ = ଗଣେଶ (Ganesh)

ଧନ + ଈଶ୍ୱର = ଧନେଶ୍ୱର (Dhaneswara)

(ଗ) ଆ + ଇ = ଏ

ମହା + ଇନ୍ଦ୍ର = ମହେନ୍ଦ୍ର (Mahendra)

© Copyright Reserved Only Digital Odisha & Odisha Sarkari Exam

ଯଥା + ଇଷ୍ଟ = ଯଥେଷ୍ଟ (Jothesta)

(ଘ) ଆ + ଈ = ଏ

ମହା + ଈଶ = ମହେଶ (Mahesh)

ମହା + ଈଶ୍ୱର = ମହେଶ୍ୱର (Maheswar)

ସୂତ୍ର :- 'ଅ' ବା 'ଆ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଏ' ହୁଅନ୍ତି । ସେହି 'ଏ' ଏକାର (େ) ହୋଇ ପୂର୍ବପଦରେ ଯୁକ୍ତ ହୁଏ ।

୫. (କ) ଅ + ଉ = ଓ

ହିତ + ଉପଦେଶ = ହିତୋପଦେଶ (Hitopodesh)

ପର + ଉପକାର = ପରୋପକାର (Poropokara)

ପୁରୁଷ + ଉତ୍ତମ = ପୁରୁଷୋତ୍ତମ (Purusottam)

(ଖ) ଅ + ଊ = ଓ

ଚଳ + ଊର୍ମି = ଚଳୋର୍ମି (Chalormi)

(ଗ) ଆ + ଉ = ଓ

ଗଙ୍ଗା + ଉଦକ = ଗଙ୍ଗୋଦକ (Gangodoka)

ମହା + ଉତ୍ସବ = ମହୋତ୍ସବ (Mahotsaba)

(ଘ) ଆ + ଊ = ଓ

ମହା + ଊର୍ମି = ମହୋର୍ମି (Mahormi)

ସୂତ୍ର :- 'ଅ' ବା 'ଆ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଓ' ହୁଅନ୍ତି । ଏହି 'ଓ' ଓ କାର (ୋ) ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।

୬. (କ) ଅ + ଋ = ଅର୍

ଦେବ + ଋଷି = ଦେବର୍ଷି (Debarshi)

ସପ୍ତ + ଋଷି = ସପ୍ତର୍ଷି (Saptarshi)

(ଖ) ଆ + ଋ = ଅର୍

ରାଜା + ଋଷି = ରାଜର୍ଷି (Rajarshi)

ମହା + ଋଷି = ମହର୍ଷି (Maharshi)

ସୂତ୍ର :- 'ଅ' ବା 'ଆ' ପରେ 'ଋ' ଥିଲେ ଦୁହେଁ ମିଶି 'ଅର୍' ହୁଅନ୍ତି । 'ଅ' ପୂର୍ବବର୍ଣ୍ଣରେ ଏବଂ 'ର' ରେଫ (<) ହୋଇ ପରବର୍ଣ୍ଣରେ ଯୁକ୍ତ ହୁଏ ।

୭. (କ) ଅ + ଏ = ଐ

ଜନ + ଏକ = ଜନୈକ (Janeika)

ଏକ + ଏକ = ଏକୈକ (Akeiko)

(ଖ) ଅ + ଐ = ଐ

© Copyright Reserved Only Digital Odisha & Odisha Sarkari Exam

ମତ + ଐକ୍ୟ = ମତୈକ୍ୟ (Mateika)

(ଗ) ଆ + ଏ = ଐ

ତଥା + ଏବ = ତଥୈବ (Totheiba)

(ଘ) ଆ + ଐ = ଐ

ମହା + ଐଶ୍ୱର୍ଯ୍ୟ = ମହୈଶ୍ୱର୍ଯ୍ୟ (Maheiswarja)

ସୂତ୍ର :- 'ଅ' ବା 'ଆ' ପରେ 'ଏ' ବା 'ଐ' ଥିଲେ ଦୁହେଁ ମିଶି 'ଐ' ହୁଅନ୍ତି । ଏହି 'ଐ' ଐର କାର (ୈ) ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।

୮. (କ) ଅ + ଓ = ଔ

ଜଳ + ଓକା (ଆଶ୍ରୟ) = ଜଳୌକା (ଜୋକ) (Jolouka)

ବିଳ + ଓକା = ବିଳୌକା (ବିଲୁଆ) (Bilouka)

(ଖ) ଅ + ଔ = ଔ

ବନ + ଔଷଧି = ବନୌଷଧି (Banausodhi)

(ଗ) ଆ + ଓ = ଔ

ମହା + ଓଘ (ସମୂହ) = ମହୌଘ (Mahougha)

(ଘ) ଆ + ଔ = ଔ

ମହା + ଔଷଧି = ମହୌଷଧି (Mohousadhi)

ମହା + ଔଦାର୍ଯ୍ୟ = ମହୌଦାର୍ଯ୍ୟ (Mahoudarja)

ସୂତ୍ର :- 'ଅ' ବା 'ଆ' ପେର 'ଓ' ବା 'ଔ' ଥିଲେ ଦୁହେଁ ମିଶି 'ଔ' ହୁଅନ୍ତି । ଏହି 'ଔ' (ୌ) ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।

୯. (କ) ଇ + ଏ = ୟ୍ + ଏ

ପ୍ରତି + ଏକ = ପ୍ରତ୍ୟେକ (Pratyeka)

(ଖ) ଇ + ଐ = ୟ୍ + ଐ

ଅତି + ଐଶ୍ୱର୍ଯ୍ୟ = ଅତ୍ୟୈଶ୍ୱର୍ଯ୍ୟ (Ateisarja)

ସୂତ୍ର :- 'ଇ' ବା 'ଈ' ପରେ 'ଇ' ବା 'ଈ' ଭିନ୍ନ ଅନ୍ୟ ସ୍ୱର ବର୍ଣ୍ଣ ଥିଲେ 'ଇ' ବା 'ଈ' ସ୍ଥାନରେ 'ୟ' ହୁଏ । ପରବର୍ତ୍ତୀ ସ୍ୱରବର୍ଣ୍ଣ ଏହି 'ୟ' ରେ ଯୁକ୍ତ ହୁଏ ।

୧୦. (କ) ଉ + ଅ = ୱ

ସୁ + ଅଚ୍ଛ = ସ୍ୱଚ୍ଛ (Swachha)

(ଖ) ଉ + ଆ = ୱା

ସୁ + ଆଗତ = ସ୍ୱାଗତ (Swagat)

(ଗ) ଉ + ଏ = ୱେ

ଅନୁ + ଏଷଣ = ଅନ୍ୱେଷଣ (Amwesan)

© Copyright Reserved Only Digital Odisha & Odisha Sarkari Exam

ସୂତ୍ର :- 'ଉ' ବା 'ଊ' ପରେ 'ଉ' ବା 'ଊ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ 'ଉ' ବା 'ଊ' ସ୍ଥାନରେ 'ଓ୍ୱ' ହୁଏ । ପରବର୍ତ୍ତୀ ସ୍ୱରବର୍ଣ୍ଣ ଏହି 'ଓ୍ୱ' ରେ ଯୁକ୍ତ ହୁଏ । ସ୍ୱରସନ୍ଧିରେ ସୂତ୍ରମାନଙ୍କରୁ ଅଲଗା କେତେକ ବ୍ୟତିକ୍ରମ ଦେଖାଯାଏ । ଏହାକୁ 'ନିପାତନ' କହନ୍ତି ।

(କ) ବାର + ଅଣା = ବାରଣା (Barana), ସାର + ଅଙ୍ଗ = ସାରଙ୍ଗ (ପଶୁପକ୍ଷୀ) (Sarang)

(ଖ) ପ୍ର + ଊଢ଼ = ପ୍ରୌଢ଼ (Proudha)

(ଗ) ବିମ୍ବ + ଓଷ୍ଠ = ବିମ୍ବୋଷ୍ଠ (Bimbostha)

(ଘ) ଗୋ + ଅକ୍ଷ = ଗବାକ୍ଷ (ଝରକା) (Jharka)

ବ୍ୟଞ୍ଜନ ସନ୍ଧି
(Byanjan Sandhi)

ବ୍ୟଞ୍ଜନ ବର୍ଣ୍ଣ ସହିତ ବ୍ୟଞ୍ଜନବର୍ଣ୍ଣର କିମ୍ବା ସ୍ୱରବର୍ଣ୍ଣର ମିଳନକୁ ବ୍ୟଞ୍ଜନସନ୍ଧି କହନ୍ତି ।

ଯଥା :- ବାକ୍ + ଈଶ = ବାଗୀଶ (Bagisha)

ମୃତ୍ + ମୟ = ମୃଣ୍ମୟ (Mrunmaya)

ଜଗତ୍ + ଈଶ = ଜଗଦୀଶ (Jagadish) ଇତ୍ୟାଦି ।

ନିମ୍ନରେ ଅନ୍ୟ କେତେକ ଉଦାହରଣ ଦିଆଗଲା ।

୧. ଦିକ୍ + ଅମ୍ବର = ଦିଗମ୍ବର (Digambara)

ସତ୍ + ଇଚ୍ଛା = ସଦିଚ୍ଛା (Sadichha)

ସତ୍ + ଆଚାର = ସଦାଚାର (Sadachar)

ବାକ୍ + ଈଶ = ବାଗୀଶ (Bagisha)

ଉତ୍ + ଯାପନ = ଉଦଯାପନ (Udghatan)

ଜୟତ୍ + ରଥ = ଜୟଦ୍ରଥ (Jayadrath)

ସତ୍ + ଆନନ୍ଦ = ସଦାନନ୍ଦ (Sadananda)

ଜଗତ୍ + ଈଶ୍ୱର = ଜଗଦୀଶ୍ୱର (Jagadiswara)

ଭବତ୍ + ଈୟ = ଭବଦୀୟ (Bhabadiya)

ଣିଚ୍ + ଅନ୍ତ = ଣିଜନ୍ତ (Nijanata)

ଦିକ୍ + ବଳୟ = ଦିଗବଳୟ (Digbalaya)

ଉତ୍ + ଯାପନ = ଉଦଯାପନ (Udghatana)

ସତ୍ + ଉପାୟ = ସଦୁପାୟ (Samudaya)

ଭବତ୍ + ଈୟ = ଭବଦୀୟ (Bhabadiya)

ଦିକ୍ + ଅନ୍ତ = ଦିଗନ୍ତ (Diganta)

ଉତ୍ + ଘାଟନ = ଉଦଘାଟନ (Udghatana)

ଚିତ୍ + ଆନନ୍ଦ = ଚିଦାନନ୍ଦ (Chidananda)

© Copyright Reserved Only Digital Odisha & Odisha Sarkari Exam

ଷଟ୍ + ଯନ୍ତ୍ର = ଷଡ଼ଯନ୍ତ୍ର (Sadajantra)
ବାକ୍ + ଆଡମ୍ବର = ବାଗାଡ଼ମ୍ବର (Bagadambar)
ଜଗତ୍ + ବନ୍ଧୁ = ଜଗଦବନ୍ଧୁ (Jagadbandhu)
ଉତ୍ + ଯୋଗ = ଉଦଯୋଗ (Udjoga)

ସୂତ୍ର :- ବ୍ୟଞ୍ଜନ ବର୍ଣ୍ଣ ପରେ ସ୍ୱରବର୍ଣ୍ଣ, ଯେକୌଣସି ବର୍ଗର ୩ୟ, ୪ର୍ଥବର୍ଣ୍ଣ କିମ୍ବା ଯ୍, ର୍, ଲ୍, ଥିଲେ, ବର୍ଗର ପ୍ରଥମବର୍ଣ୍ଣ ସ୍ଥାନରେ ସେହି ବର୍ଗର ୩ୟ ବର୍ଣ୍ଣ ହୁଏ ।

୨. ଉତ୍ + ଚାରଣ = ଉଚ୍ଚାରଣ (Ucharana)
ଚଳତ୍ + ଚିତ୍ର = ଚଳଚିତ୍ର (Chalachitra)
ବିପଦ୍ + ଚୟ = ବିପଚ୍ଚୟ (Bipachhaya)
ଉତ୍ + ଛେଦ = ଉଚ୍ଛେଦ (Uchheda)
